# କଟକ ସିଟି



## ସ୍ୱର୍ଗଧାମ କାର୍ଯ୍ୟାଳୟ ଉଦ୍‌ଘାଟିତ



କଟକ, ୧୫ ।୨(ସମିସ)

ଖାନନଗର ସ୍ଥିତ ସ୍ୱର୍ଗଧାମ ସେବା ସମିତି ପକ୍ଷରୁ ସ୍ୱର୍ଗଧାମର ଏକ ନିଜସ୍ୱ ୨୪ ଘଣ୍ଟିଆ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ଚୌଦ୍ୱାର କଟକ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରି ଏଭଳି ନିଆରା କାର୍ଯ୍ୟକ୍ରମ ପାଇଁ ଅନୁଷ୍ଠାନକୁ ସାଧୁବାଦ ଜଣାଇଥିଲେ । ଏହିଅବସରରେସ୍ୱର୍ଗଧାମସେବାସମିତି ପକ୍ଷରୁ ବିନା ମୂଲ୍ୟରେ ସୂର୍ଯ୍ୟୋଦୟରୁ ଆରମ୍ଭ କରି ସୂର୍ଯ୍ୟାସ୍ତ ମଧ୍ୟରେ ଏଠାକୁ ଆସୁଥିବା ପ୍ରତ୍ୟେକ ଶବକୁ ଗୋବର ପାଣି, କ୍ଷୀର, ତୁଳସୀ, ଫୁଲ, କର୍ପୁର ଆଳତି ସହିତ ଶୁଦ୍ଧବସ୍ତ୍ର ଶବ ଉପରେ ଅର୍ପଣ କରାଯାଇଥାଏ । ଏଥିସହିତ ଆର୍ଥିକ ଅନଗ୍ରସରର ବ୍ୟକ୍ତିମାନେ ଅସ୍ଥି ବିସର୍ଜନ କରିବା ପାଇଁ ଅସମର୍ଥ ଥିବେ ତେବେ ସେମାନଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ (ଗଙ୍ଗା, ଯମୁନା ଏବଂ ସରସ୍ୱତୀ ନଦୀର ସଙ୍ଗମ ସ୍ଥଳ) ପ୍ରୟାଗରାଜ ଠାରେ ଅସ୍ଥି ବିସର୍ଜନ କରାଯିବା ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ୱର୍ଗଧାମ ସେବା ସମିତିର ଆଜୀବନ ସଭାପତି ଶରତ କୁମାର ସାହୁ, ଚାଉଳିଆଗଞ୍ଜ ପୂଜା କମିଟିର ସମ୍ପାଦକ ନିରଞ୍ଜନ ସାହୁ (ଶିବ), ଖାନନଗର ପୂଜା କମିଟିର ସମ୍ପାଦକ ପ୍ରଫୁଲ୍ଲ ସାହୁ, ସଚ୍ଚିକାନ୍ତ ନାଥ, ରେଶମାରାଣୀ ମହାରଣା, ପ୍ରୀତିକାନ୍ତ ମହାରଣା, ଶବ ସେବାକାରୀ ପ୍ରଶାନ୍ତ ଆଚାର୍ଯ୍ୟ, ଶବ ରଥ ବାହାକ ମନୋଜ ସିଂହଙ୍କ ସମେତ ବହୁ ମୁରବୀ ଓ ମହିଳାମାନେ ଉପସ୍ଥିତ ଥିଲେ ।

### ପ୍ରତିକୂଳ ପରିସ୍ଥିତି ଓ ସଂଘର୍ଷରୁ ସଫଳତା

## ଆର୍ଥିକ ଅନାଟନରୁ ସଫଳ ଇଞ୍ଜିନିୟର

କଟକ, ୧୫।୨(ସମିସ)

ଦୀନ ମଜୁରିଆ । ଖଟି ଖାଇଲେ ସଂସାର ଚଳେ । ହେଲେ ଭାଗ୍ୟର ବିଡ଼ମ୍ବନା । ଖୁସିର ସଂସାର ଉଜୁଡ଼ିଗଲା । ତାଙ୍କ ପତ୍ନୀ ଅକାଳରେ ପ୍ରାଣ ହରାଇଲେ । ସେତେବେଳେ ପୁଅକୁ ମାତ୍ର ୫ ବର୍ଷ । ଘର ଚଳିବ କିପରି? ପୁଅକୁ ଏକୁଟିଆ ଛାଡ଼ି ମଜୁରିଆ କାମ କରିବେ କେମିତି? ଏହି ପ୍ରଶ୍ନ ଉଙ୍କି ମାରିଥିଲା ଦୀନ ମଜୁରିଆଙ୍କ ମନରେ । ତଥାପି ସେ ପୁଅକୁ ପାଠ ପଢ଼ାଇବା ପାଇଁ ଆରମ୍ଭ କରିଥିଲେ ଉଦ୍ୟମ । କୌଣସି ମତେ ୫ମ ଯାଏ ପାଠ ପଢ଼ାଇଥିଲେ । ଅର୍ଥାଭାବ ସାଜିଥିଲା ବାଧକ । ପ୍ରଶାସନ ଏ ବିଷୟରେ ଖବର ପାଇ ବଢ଼ାଇଥିଲା ସହଯୋଗର ହାତ । ବହୁ ସଂଘର୍ଷ ଓ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଗତି କରି ସେତେବେଳର ଏହି ପିଲାଟି ଆଜି ଜଣେ ମେକାନିକାଲ ଇଂଜିନିୟର । ଆଗକୁ ସଫଳତାର ସିଡ଼ି ଚଢ଼ିବା ପାଇଁ ସେ ଜାରି ରଖିଛନ୍ତି ପ୍ରଚେଷ୍ଟା । ପ୍ରଶାସନିକ ଅଧିକାରୀ ହେବାର ଲକ୍ଷ୍ୟ ରହିଛି ।

ତାଙ୍କ ନାମ ଜୟନ୍ତ ଭୋଇ । ଘର କଟକ ସଦର ଅଞ୍ଚଳର କନ୍ଦରପୁରରେ । ମା' ଛେଉଣ୍ଡ ହେବା ପରେ ତାଙ୍କର ସ୍ନେହ ମମତାରୁ ବଞ୍ଚିତ ହୋଇଥିଲେ ଜୟନ୍ତ । ଆର୍ଥିକ ଅନାଟନ ମଧ୍ୟରେ ୫ମ ଯାଏ ପାଠ ପଢ଼ିଲେ । ଆଉ ପଢ଼ିବା କାଠିକର ପାଠ ହୋଇପଡ଼ିଲା । ଏତିକି ବେଳେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଇଥିଲା ଜିଲ୍ଲା ଶିଶୁ ମଙ୍ଗଳ ସମିତି । ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ବିଜୁ ଶିଶୁ ସୁରକ୍ଷା ଯୋଜନାରେ ଜୟନ୍ତଙ୍କୁ ଅନ୍ତର୍ଭୁକ୍ତ କରିବାର ବ୍ୟବସ୍ଥା କରିଥିଲେ । ଉତ୍କଳ ବାଳାଶ୍ରମ କଟକ ଶାଖାରେ ତାଙ୍କର ପାଠ ପଢ଼ିବାର



ଜୟନ୍ତଙ୍କୁ ସାହା ହେଲା ସରକାରୀ ଯୋଜନା

ବ୍ୟବସ୍ଥା କରାଯାଇଥିଲା । ବାଳାଶ୍ରମ ଅନ୍ତେବାସୀ ଭାବେ ରହି ସେ ପାଠ ପଢ଼ିଥିଲେ । ବିଦ୍ୟାଳୟରେ ପାଠ ପଢ଼ି ସେ କୃତିତ୍ୱର ସହ ମାଟ୍ରିକ ପାସ୍ କରିଥିଲେ । ଜଗତପୁର ଗଣପତି ଇଂଜିନିୟରିଂ କଲେଜରେ ମେକାନିକାଲରେ ଡିପ୍ଲୋମାରେ ନାମ ଲେଖାଇଥିଲେ । ଏଠାରେ କୋର୍ସ ସାରି ସେ ଜେଇ ପରୀକ୍ଷା ଦେଇଥିଲେ । କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ତାଙ୍କୁ ଜେଇ ପରୀକ୍ଷାରେ ମିଳିଥିଲା ସଫଳତା । ଏଥିପାଇଁ ତାଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିଛି । ନିଜେ ବାଳାଶ୍ରମର ପିଲାଙ୍କୁ ନିଃଶୁଳ୍କ ଶିକ୍ଷାଦାନ କରିବା ସହ ଏକ ଘରୋଇ କମ୍ପାନୀରେ ଚାକିରୀ କରି ଜେଇ ଏଣ୍ଟ୍ରାନ୍ସ ପାଇଁ ସେ ନିଜକୁ ପ୍ରସ୍ତୁତ କରିଥିଲେ । ଜେଇ ପାଇବା ପରେ ପାରଳା ମହାରାଜା ଇଂଜିନିୟରିଂ କଲେଜରେ ସେ ବିଟେକ ପଢ଼ିଥିଲେ । ସେ ପାଠ ପଢ଼ିବା ସମୟରେ କ୍ୟାମ୍ପସରେ ମନୋନୀତ ହୋଇଥିଲେ । ଇନ୍ଦୋରର ଏକ ମଲ୍ଟି ନ୍ୟାସନାଲ କମ୍ପାନୀରେ ସେ ଚାକିରି ପାଇଛନ୍ତି । ସମ୍ପ୍ରତି ଜଣେ ମେକାନିକାଲ ଇଂଜିନିୟର ହୋଇ ସେ ପାଉଛନ୍ତି ଆକର୍ଷଣୀୟ ବେତନ ।

ଉତ୍କଳ ବାଳାଶ୍ରମରେ କଟିଥିଲା ଜୟନ୍ତଙ୍କ ଛାତ୍ର ଜୀବନ । ତାଙ୍କୁ ଅନ୍ୟ ଅନ୍ତେବାସୀଙ୍କ ଭଳି ସୁପରିଣ୍ଟେଣ୍ଡେଣ୍ଟ ପ୍ରଜ୍ଞାସେନୀ ପ୍ରଧାନ ସମସ୍ତ ଯତ୍ନ ନେଇଥିଲେ । ପ୍ରଜ୍ଞାସେନୀଙ୍କ ମତରେ ସମସ୍ତ ଅନ୍ତେବାସୀଙ୍କଠାରୁ ଜୟନ୍ତ ଥିଲେ ନିଆରା । ସେ ଜଣେ ମେଧାବୀ ଛାତ୍ର ଥିଲେ । ସଙ୍ଗୀତ, ଅଭିନୟ, କ୍ରୀଡ଼ା କ୍ଷେତ୍ରରେ ତାଙ୍କର ଯଥେଷ୍ଟ ପାରଦର୍ଶିତା ରହିଥିଲା । ଉଚ୍ଚକୋଟୀର ଗଳ୍ପ ଓ କବିତା ଲେଖୁଥିଲେ । ଓଜସ୍ୱିନୀ ଭାଷଣ ଦେଇ ସେ ସମସ୍ତଙ୍କୁ ଚକିତ କରିପାରୁଥିଲେ । ଏଥିରୁ ତାଙ୍କର ପ୍ରତିଭା ସ୍ପଷ୍ଟ ବାରି ହୋଇପଡୁଥିଲା । ସଂଘର୍ଷ ହିଁ ଜୟନ୍ତଙ୍କୁ ସଫଳତାର ମାର୍ଗ ଦେଖାଇଥିଲା ବୋଲି ପ୍ରଜ୍ଞାସେନୀ କହିଛନ୍ତି । ଜୟନ୍ତଙ୍କୁ ପ୍ରତିଷ୍ଠିତ କରାଇବାରେ ପୂର୍ବତନ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀଙ୍କର ମଧ୍ୟ ଭୂମିକା କିଛି କମ୍ ନୁହେଁ । ଇଂଜିନିୟର୍ ହେବା ପରେ ସେ ଜିଲ୍ଲାପାଳ ବିନିତ ଭରଦ୍ୱାଜ, ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଓ ବାଳାଶ୍ରମର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଭେଟି ତାଙ୍କ ଆଶୀର୍ବାଦ କାମନା କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଯଦି କିଛି ସାହାଯ୍ୟ ଆବଶ୍ୟକ ହୁଏ ତେବେ ତାଙ୍କୁ ଏ କ୍ଷେତ୍ରରେ ସମସ୍ତ ପ୍ରକାର ସହାଯୋଗ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ କହିଛନ୍ତି । ଅନ୍ୟ ପକ୍ଷରେ ଜୟନ୍ତ ଏହି ଚାକିରୀରେ ଆତ୍ମ ସନ୍ତୋଷ ଲାଭ କରିଥିଲେ ହେଁ ଭବିଷ୍ୟତରେ ଜଣେ ଆଇଏଏସ୍ କିମ୍ବା ଓଏଏସ୍ ହେବେ ବୋଲି ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ସେ ନିଜକୁ ପ୍ରସ୍ତୁତ କରୁଛନ୍ତି । ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବା ଏବଂ ସଂଘର୍ଷର ମୁକାବିଲା କଲେ ଯେ କେହି ସମାଜରେ ପ୍ରତିଷ୍ଠିତ ହୋଇପାରିବ, ଯାହାକି ତାଙ୍କ କ୍ଷେତ୍ରରେ ସମ୍ଭବ ହୋଇଛି ବୋଲି ଭାବବିହ୍ୱଳ ହୋଇ ଜୟନ୍ତ କହିଛନ୍ତି । ସରକାରୀ ଯୋଜନାର ସୁଫଳ ସେ ପାଇପାରିବା ସହ ଗରିବ ପିଲାମାନଙ୍କ ଅଭିଭାବକ ଏହାର ସୁଯୋଗ ନେବାକୁ ସେ ଅନୁରୋଧ କରିଛନ୍ତି ।

### ହାଇକୋର୍ଟରେ ଡେପୁଟି କମାଣ୍ଡାଣ୍ଟଙ୍କ ପଦୋନ୍ନତି ପ୍ରସଙ୍ଗ

## ଡିପିସି ଉପରେ ଅନ୍ତରୀଣ ରୋକ୍

କଟକ, ୧୫ ।୨(ସମିସ)

ବିଭିନ୍ନ ପୁଲିସ ବାଟାଲିୟନରେ କାର୍ଯ୍ୟରତ କେତେକ ଡେପୁଟି କମାଣ୍ଡାଣ୍ଟଙ୍କ ଗ୍ରେଡେସନ୍ ତାଲିକାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଦାୟର ମାମଲାର ଆଜି ଶୁଣାଣି ହୋଇଛି । ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଗ୍ରେଡେସନଭୁକ୍ତ ଡେପୁଟି କମାଣ୍ଡାଣ୍ଟଙ୍କ ଚୂଡ଼ାନ୍ତ ଡିପିସି(ଡିପାର୍ଟମେଣ୍ଟ ପ୍ରମୋସନ କମିଟି)ଉପରେ ହାଇକୋର୍ଟ ଅନ୍ତରୀଣ ରୋକ୍ ଲଗାଇଛନ୍ତି । ଅଦାଲତଙ୍କ ଅନୁମତି ବିନା ଡିପିସି ବସିପାରିବ ନାହିଁ ବୋଲି ରାୟରେ ଉଲ୍ଲେଖ ରହିଛି । ବିଭୂତି ଭୂଷଣ ମହାରଣା ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି ।



ମାମଲାରୁ ପ୍ରକାଶ ଯେ ଆବେଦନକାରୀ ୫ଜଣ ଡେପୁଟି କମାଣ୍ଡାଣ୍ଟ ଭାବେ ବିଭିନ୍ନ ବଟାଲିୟନରେ କାର୍ଯ୍ୟରତ ଅଛନ୍ତି । କିନ୍ତୁ ସେମାନଙ୍କ ବରିଷ୍ଠତାକୁ ଅଣଦେଖା କରାଯାଇ କିଛି କନିଷ୍ଠଙ୍କୁ ଗ୍ରେଡେସନ ତାଲିକାଭୁକ୍ତ କରାଯାଇଥିଲା । ଏ ସଂକ୍ରାନ୍ତରେ ଗୃହ ବିଭାଗ ପକ୍ଷରୁ ଗତ ୨୦୨୨ ଡିସେମ୍ବର ୩୦ରେ ଚୂଡାନ୍ତ ଗ୍ରେଡେସନ୍ ତାଲିକା ପ୍ରକାଶ ପାଇବା ସହ ଡିପିସି ପାଇଁ ସୁପାରିସ କରାଯାଇଥିଲା । କିନ୍ତୁ ଏହା ଓଡ଼ିଶା ଆର୍ମଡ ପୁଲିସ (ମେଥଡ ଅଫ ରିକ୍ରୁଟମେଣ୍ଟ ଆଣ୍ଡ କଣ୍ଡିସନ ଅଫ ସର୍ଭିସ ରୁଲ)୨୦୧୩କୁ ଉଲ୍ଲଙ୍ଘନ କରୁଛି ବୋଲି ଆବେଦନକାରୀ ଦର୍ଶାଇଥିଲେ । ଏପରିକି ଆବେଦନକାରୀମାନେ ଗୃହ ବିଭାଗର ୨୦୨୦ଜୁନ୧୨ର ବିଜ୍ଞପ୍ତି ଅନୁସାରେ ଓଏପିଏସ ଗ୍ରୁପ ଏ(ସିନିଅର) ବ୍ରାଞ୍ଚକୁ ପଦୋନ୍ନତି ପାଇଥିଲେ । କିନ୍ତୁ ଗତ ୨୦୨୨ଡିସେମ୍ବର ୩୦ରେ ଯେଉଁ ଗ୍ରେଡେସନ ତାଲିକା ପଦୋନ୍ନତି ନିମନ୍ତେ ପ୍ରକାଶ ପାଇଥିଲା, ତାହା ରାଜ୍ୟ ସରକାରଙ୍କ ୨୦୨୧ସେପ୍ଟେମ୍ବର ୯ର ରିଜୋଲ୍ୟୁସନକୁ ଉଲ୍ଲଙ୍ଘନ କରୁଥିବା ନେଇ ଆବେଦନକାରୀ ଅଭିଯୋଗ କରିଥିଲେ । ସରକାରଙ୍କ ଉପରୋକ୍ତ ରିଜୋଲ୍ୟୁସନ ଆଧାରରେ ସେମାନଙ୍କ ବରିଷ୍ଠତାକୁ ଅଣଦେଖା କରାଯାଇଥିବା ନେଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାମଲାରେ ରାଜ୍ୟ ସରକାର, ଗୃହ ବିଭାଗର ଅତିରିକ୍ତ ସଚିବ, ପୁଲିସ ଡିଜି ଓ ଅନ୍ୟ ୧୯ଜଣ ଡେପୁଟି କମାଣ୍ଡାଣ୍ଟଙ୍କୁ ଆବେଦନକାରୀ ପକ୍ଷଭୁକ୍ତ କରିଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବୃଆରୀ ୨୦କୁ ଧାର୍ଯ୍ୟ ହୋଇଛି । ମାମଲାକୁ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମନ୍ମୟ ଦାସ ପରିଚାଳନା କରୁଛନ୍ତି ।

## ଗଞ୍ଜେଇ ଜବତ: ଜଣେ ଗିରଫ

କଟକ, ୧୫ ।୨(ସମିସ): ବାଇକରେ ଗଞ୍ଜେଇ ଚାଲାଣ ବେଳେ ଜଣେ ନିଶା ବେପାରୀକୁ ୪୨ମୌଜା ଥାନା ପୁଲିସ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଲା ଜଗତପୁର ଥାନା ଅନ୍ତର୍ଗତ ପୂର୍ବକଚ୍ଛ ଗ୍ରାମର ମୋହନ ସାହୁ । ତା' ପାଖରୁ ୨୧ କିଲୋ ଗଞ୍ଜେଇ ଜବତ କରାଯାଇଛି । ଆଜି ସକାଳେ ପୁଲିସକୁ ଖବର ମିଳିଥିଲା ଯେ, ଜଗତପୁରର ଜଣେ ବ୍ୟକ୍ତି ବାଇକରେ ଗଞ୍ଜେଇ ବୋଝେଇ କରି ୪୨ମୌଜା ଅଳକୁ ଆସୁଛନ୍ତି । ସୂଚନା ପାଇବା ପରେ ପୁଲିସ ଏକାଧିକ ସ୍ଥାନରେ ଜଗି ରହିଥିଲା । ଏହି ସମୟରେ ଝିଙ୍କିରିଆ ପୋଲ ଦେଇ ଜଣେ ବ୍ୟକ୍ତି ବାଇକରେ କିଛି ବସ୍ତା ନେଇଯାଉଥିବା ପୁଲିସର ନଜର ପଡ଼ିଥିଲା । ବାଇକକୁ ଅଟକାଇ ଯା କରିବାରୁ ସେଥିରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା ।

## ସାଂସଦ ଅନୁଭବଙ୍କ ପିତା ଅଭୟ ମହାନ୍ତିଙ୍କ ପରଲୋକ

କଟକ, ୧୫ ।୨(ସମିସ): ଓଲିଉଡ୍ ଅଭିନେତା ତଥା ସାଂସଦ ଅନୁଭବ ମହାନ୍ତିଙ୍କ ବାପା ଅଭୟ ମହାନ୍ତିଙ୍କ ପରଲୋକ ଘଟିଛି । ସେ ଦୀର୍ଘଦିନ ଧରି ଅସୁସ୍ଥ ହୋଇ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସିତ ହେଉଥିଲେ । ମୃତ୍ୟୁବେଳକୁ ତାଙ୍କୁ



୭୪ ବର୍ଷ ବୟସ ହୋଇଥିଲା । ପରଲୋକ ଗମନ କରିବା ପରେ ତାଙ୍କ ପାର୍ଥିବ ଶରୀରକୁ ଚୌଧୁରୀବଜାର ନନ୍ଦିସାହିସ୍ଥିତ ବାସଭବନକୁ ଅଣାଯାଇଥିଲା । ସେଠାରେ ବହୁ ବିଶିଷ୍ଟବ୍ୟକ୍ତି ପହଞ୍ଚି ତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅଭୟଙ୍କ ବିୟୋଗରେ ପରିବାରରେ ଶୋକର ଛାୟା ଖେଳିଯାଇଛି । ଖାନନଗର ଶ୍ମଶାନରେ ତାଙ୍କର ଶେଷକୃତ ସମ୍ପନ୍ନ ହୋଇଛି । ଏଠାରେ ସୂଚନାଯୋଗ୍ୟ ଯେ, ଅଭୟ କନ୍ଦରପୁର କଲେଜର ଅଧ୍ୟକ୍ଷ ଥିଲେ । ସେଠାରୁ ୨୦୦୯ ମସିହାରେ ଅବସର ଗ୍ରହଣ କରିଥିଲେ । ସେ ଜଣେ ଅଭିନେତା ଓ ନାଟ୍ୟକାର ଭାବେ ମଧ୍ୟ ପରିଚିତ ଥିଲେ । କେତେକ ଚଳଚ୍ଚିତ୍ରରେ ସେ ଅଭିନୟ କରିଥିବା ବେଳେ ରେଡିଓ ନାଟକରେ ତାଙ୍କର ଅଭିନୟ ବେଶ୍ ଲୋକପ୍ରିୟତା ହାସଲ କରିଥିଲା ।






### ଉନ୍ନୟନ ପ୍ରକଳ୍ପ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

## ସହରର ରୂପାନ୍ତରଣ କାର୍ଯ୍ୟ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ

କଟକ, ୧୫ ।୨(ସମିସ)

କଟକ ସହରରେ ଜାରି ରହିଥିବା ଏକାଧିକ ରୂପାନ୍ତରଣ ଓ ଉନ୍ନତୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଧାର୍ଯ୍ୟ ସମୟରେ ଶେଷ କରିବା ଉପରେ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା



ଗୁରୁତ୍ୱାରୋପ କରିଛନ୍ତି । ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ଗୁରୁବାର ସନ୍ଧ୍ୟାରେ ଅଚାନକ କଟକ ସହରରେ ପହଞ୍ଚି ଏକାଧିକ ନିର୍ମାଣାଧୀନ କାର୍ଯ୍ୟର ସମୀକ୍ଷା କରିଛନ୍ତି ।

ପ୍ରଥମେ ଶ୍ରୀ ଜେନା ମର୍କତନଗରସ୍ଥିତ ପେଟାନାଳର ପୁନରୁଦ୍ଧାର ଓ ନବୀକରଣ କାର୍ଯ୍ୟ ବୁଲି ଦେଖିଥିଲେ । ସହରର ରୂପାନ୍ତରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ ଭିତ୍ତିରେ ପେଟାନାଳ ଖନନ ଓ ପଙ୍କୋଦ୍ଧାର କାର୍ଯ୍ୟ ଶେଷ ହୋଇଛି । ବେଲଭ୍ୟୁ ସ୍ଲୁଇସରୁ ଆରମ୍ଭ ହୋଇ ସିଡିଏ ସେକ୍ଟର ୧୦ ପର୍ଯ୍ୟନ୍ତ ୩. ୯ କିଲୋମିଟର ବ୍ୟାପି ପେଟାନାଳର ନବୀକରଣ କାର୍ଯ୍ୟ ଶେଷ କରାଯିବ । ଏଥିପାଇଁ ପେଟାନାଳର ଉଭୟ ପାର୍ଶ୍ୱକୁ ଜବରଦଖଲମୁକ୍ତ କରାଯାଇଛି । ପେଟାନାଳର ୨.୭୦ରୁ ୩.୦୯ କିଲୋମିଟର(ଉଭୟ ପଟ) କୃଷକ ବଜାର ପର୍ଯ୍ୟନ୍ତ ୧୨୦୦ ମିଟର କଂକ୍ରିଟ କାନ୍ଥ ନିର୍ମାଣ କରାଯିବ । ଏଥିପାଇଁ ମୋଟ ୩୦ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ପେଟାନାଳର ସୌନ୍ଦର୍ଯ୍ୟକରଣ ପାଇଁ ବୃକ୍ଷରୋପଣ, ମିନି ପାର୍କ, ଜିମ୍, ଫୁଡ୍‌କୋର୍ଟ, ପାଦଚଲା ରାସ୍ତା ସହ ୫ଟି ସ୍ଥାନରେ କଲଭର୍ଟ ନିର୍ମାଣ କରାଯିବ । ଏହାପରେ ମୁଖ୍ୟ ଶାସନ ସଚିବ ସିଡିଏ ସେକ୍ଟର ୧୧ସ୍ଥିତ ବିଜୁ ପଟ୍ଟନାୟକ ପାର୍କ ନବୀକରଣ କାର୍ଯ୍ୟ ସହିତ ୭୦ କୋଟି ଟଙ୍କା ବ୍ୟୟରେ ଜାରି ରହିଥିବା ଚଣ୍ଡୀମନ୍ଦିର ରୂପାନ୍ତରଣ କାର୍ଯ୍ୟ ସମୀକ୍ଷା କରିଥିଲେ । ସେଠାରେ ଦୋକାନ ଘର ଓ ସେବାୟତମାନଙ୍କ ରହିବା ଘର କାର୍ଯ୍ୟ ଶେଷ ହୋଇଥିବା ବେଳେ ବାକିଥିବା କାମକୁ ତୁରନ୍ତ ଶେଷ କରିବା ପାଇଁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେ ଏସସିବି ଏମ୍ସ ପ୍ଲସ୍ ସମ୍ପ୍ରସାରଣ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ ମ୍ୟାରିଟାଇମ୍ ମ୍ୟୁଜିୟମ ଓ ୨୮ କୋଟି ଟଙ୍କା ବ୍ୟୟରେ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ନିକଟରେ ଜାରି ରହିଥିବା ନେତାଜୀ ସ୍ମାରକୀ ପୀଠର କାର୍ଯ୍ୟ ତଦାରଖ କରିଥିଲେ ।

ଏହି ପରିଦର୍ଶନ ସମୟରେ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନାଙ୍କ ସହ ସିଡିଏ ଅଧ୍ୟକ୍ଷ ଅନୀଲ କୁମାର ସାମଲ, ଜିଲ୍ଲାପାଳ ବିନିତ ଭରଦ୍ୱାଜ, ସିଏମସି କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଇଂଜିନିୟର ଅତନୁ ସାମନ୍ତ, ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ, ଡ୍ରେନେଜ ମୁଖ୍ୟ ଯନ୍ତ୍ରୀ ବିଜୟ କୁମାର ସାମଲ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରତାପ ଶତପଥୀ, ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଅତିରିକ୍ତ ଡିସିପି ଅନୀଲ ମିଶ୍ର, ଅଧୀକ୍ଷଣ ଯନ୍ତ୍ରୀ ସୌରଭ କୁମାର ସାହୁ, ଜଳସମ୍ପଦ ସାଉଥ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ଚନ୍ଦ୍ର ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ମଳୟ କୁମାର ସାହୁ, ୱାଟକୋ ସାଧାରଣ ପରିଚାଳକ ଦେବବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।



# କଟକ ସିଟି

● ଯାତ୍ରୀବାହୀ ବସ୍ 'ଚନ୍ଦନ' ଦୁର୍ଘଟଣା

# ଡ୍ରାଇଭର୍ ନାଁ'ରେ ଏତଲା

● ମିଛ କହି ଖସିବାକୁ ଚେଷ୍ଟା କରିଥିଲା ଡ୍ରାଇଭର୍
● ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ କଲା ସଦର ପୁଲିସ
● ୧୪ ଆହତଙ୍କ ମଧ୍ୟରୁ ୫ ଜଣଙ୍କୁ ଡିସଚାର୍ଜ

କଟକ,୧୫ ।୨(ସମିସ)

ଭୁବନେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଘରୋଇ ଯାତ୍ରୀବାହୀ ବସ ଚନ୍ଦନ ଗୋପାଳପୁର ଛକ ନିକଟରେ ଗତକାଲି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହି ଘଟଣାରେ ବସ୍ କଣ୍ଡକ୍ଟରଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା । କିନ୍ତୁ ସମ୍ପୃକ୍ତ ଡ୍ରାଇଭର ସଦର ପୁଲିସ ନିକଟରେ ମିଛ ବୟାନ୍ ଦେଇଥିଲା । ସେ କହିଥିଲା, ବସ୍ ସାମ୍ନାକୁ ହଠାତ୍ ଜଣେ ସାଇକଲ୍ ଆରୋହୀ ଆସିଯିବାରୁ ହଠାତ୍ ବ୍ରେକ୍ ମାରିବାକୁ ପଡ଼ିଥିଲା । ଯାହାଫଳରେ ବସ୍‌ଟି ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟରେ ପିଟି ହେବା ସହିତ ଡିଭାଇଡ଼ର ଉପରେ ଓଲଟି ପଡ଼ିଥିଲା । କିନ୍ତୁ ଏହା ସମ୍ପୂର୍ଣ୍ଣ ମିଛ ବୋଲି କହିଛି ସଦର ଥାନା ପୁଲିସ । ସ୍ଥାନୀୟ ଅଞ୍ଚଳର ଜଗବନ୍ଧୁ ବେହେରା ନାମକ ଜଣେ ବ୍ୟକ୍ତି ଏ ସମ୍ପର୍କରେ ଥାନାରେ ଏତଲା ଦେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା । କୌଣସି ସାଇକଲ ଚାଳକକୁ ବଞ୍ଚେଇବାକୁ ଯାଇ ବସ୍ ଓଲଟି ନ ଥିଲା ବରଂ ଦ୍ରୁତଗତିରେ ଗାଡି ଚାଳନା ଯୋଗୁଁ ବସ୍ ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ପୁଲିସ କହିଛି । କଟକ ସଦର ଥାନାରେ ଡ୍ରାଇଭର ବିରୋଧରେ ୯୪/୨୦୨୪ ମାମଲା ରୁଜୁ କରାଯାଇଥିବା ବେଳେ ଆଇପିସି-୩୩୭/ ୩୩୮ ଦଫା ପୁଲିସ ଲଗାଇଛି । ଯାତ୍ରୀଙ୍କ ବୟାନ ଆଧାରରେ ପ୍ରାଥମିକ ତଦନ୍ତ ଚାଲିଛି । ଦ୍ରୁତଗତି ଯୋଗୁଁ ଭାରସାମ୍ୟ ହରାଇ ଡିଭାଇଡର୍ ଉପରକୁ ଗାଡିଟି ମାଡ଼ି ଯାଇଥିଲା ଏବଂ ବିଦ୍ୟୁତ ଖୁଣ୍ଟିରେ ପିଟି ହୋଇ ଗାଡିଟି ଓଲଟି ପଡିଥିବା ନେଇ ଅତିରିକ୍ତ ଡିସିପି ଅନିଲ ମିଶ୍ର ସୂଚନା ଦେଇଛନ୍ତି ।



ଅନ୍ୟପଟେ ଏସ୍‌ସିବିରେ ଗତକାଲି ବିଳମ୍ବିତ ରାତି ସୁଦ୍ଧା ମୋଟ ୧୪ଜଣ ଆହତ ଚିକିତ୍ସିତ ହେଉଥିଲେ । ଏବେ ୬ ଜଣ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି । ସେଥିମଧ୍ୟରୁ ସର୍ଜରୀ ବିଭାଗରେ ୪ ଜଣ, ନ୍ୟୁରୋସର୍ଜରୀ ବିଭାଗରେ ଜଣେ ଓ ଅର୍ଥୋପେଡିକ ବିଭାଗରେ ଜଣେ ରୋଗୀଙ୍କୁ ଚିକିତ୍ସା କରାଯାଉଛି । ଗତକାଲି ବିଳମ୍ବିତ ରାତି ସୁଦ୍ଧା ୫ ଜଣ ଆହତଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା । ଏବେ ଆହତମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ନେଇ ଏସ୍‌ସିବି ମେଡିକାଲ ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ ସୂଚନା ଦେଇଛନ୍ତି । ଡିସଚାର୍ଜ ରିପୋର୍ଟ ନ ନେଇ ୨ଜଣ ଆହତ ଡାକ୍ତରଙ୍କୁ ନ ଜଣାଇ (ଲାମାରେ) ପଳାଇ ଯାଇଛନ୍ତି । ଅନ୍ୟପକ୍ଷରେ ଏହି ଘଟଣାକୁ ଏସ୍‌ଟିଏ ଗୁରୁତର ସହିତ ଗ୍ରହଣ କରିଥିବା ବେଳେ ଘଟଣାସ୍ଥଳକୁ ଏସ୍‌ଟିଏର ସ୍ୱତନ୍ତ୍ର ସ୍କ୍ୱାଡ୍ ଯାଇ ତଦନ୍ତ କରିବ । ଦୁର୍ଘଟଣାର ପ୍ରକୃତ କାରଣ ଓ କେଉଁଭଳି ପରିସ୍ଥିତିରେ ଦୁର୍ଘଟଣା ଘଟିଲା ତାହାକୁ ଅନୁଧ୍ୟାନ କରାଯାଉଛି ବୋଲି ଏମ୍‌ଭିଆଇ ବିଶ୍ୱଜିତ୍ ଦାଶ କହିଛନ୍ତି ।

ଏଠାରେ ସୂଚନାଯୋଗ୍ୟ, ଗତକାଲି ଏହି ଦୁର୍ଘଟଣା ଘଟିବା ପରେ ସ୍ଥାନୀୟ ଲୋକ, ଦୋକାନୀ ଓ ରାସ୍ତାରେ ଯାଉଥିବା ଜନସାଧାରଣ ପ୍ରଥମେ ଓଲଟି ପଡ଼ିଥିବା ବସ୍‌ର କାଚ ଭାଙ୍ଗି ଯାତ୍ରୀମାନଙ୍କୁ ଉଦ୍ଧାର କରିବା ଆରମ୍ଭ କରିଥିଲେ । ଏହାପରେ ସ୍ଥାନୀୟ ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ । ଆହତ ଯାତ୍ରୀଙ୍କୁ ଏସ୍‌ସିବି ପଠାଯାଇଥିଲା । ଦୁର୍ଘଟଣାରୁ ବର୍ତ୍ତିଥିବା ଯାତ୍ରୀମାନେ ଅନ୍ୟ ଗାଡିରେ ନିଜର ଗନ୍ତବ୍ୟସ୍ଥଳୀକୁ ଯାତ୍ରା କରିଥିଲେ ।

## ମହିଳାଙ୍କ ଠାରୁ ସୁନାଚେନ୍ ଲୁଟ୍

**କଟକ,୧୫ ।୨(ସମିସ):** ଦୋଳମୁଣ୍ଡାଇ ଅଞ୍ଚଳରେ ଆଜି ରାତିରେ ଏକ ଲୁଟ୍‌ପାଟ୍ ଘଟିଛି । ୨ ଜଣ ଦୁର୍ବୃତ୍ତ ବାଇକରେ ଆସି ଚାଲିଚାଲି ଯାଉଥିବା ଜଣେ ମହିଳାଙ୍କ ବେକରୁ ସୁନାହାର ଝାମ୍ପି ନେଇ ପଳାଇଛନ୍ତି । ମହିଳାଙ୍କ ଅଭିଯୋଗ ଆଧାରରେ ପୁରୀଘାଟ ଥାନା ପୁଲିସ ଘଟଣାସ୍ଥଳରେ ପହଁଞ୍ଚିବା ସହିତ ଆଖପାଖରେ ଲାଗିଥିବା କେତେକ ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ ଚଳାଇଛି ।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ଅଭିଯୋଗକାରୀ ମହିଳାଜଣକ ରାତି ପ୍ରାୟ ୮ ଟାରେ କିଛି କିଣାକିଣି କରିବା ଲାଗି ଦୋଳମୁଣ୍ଡାଇ ଅଞ୍ଚଳକୁ ଆସିଥିଲେ । ଏହାପରେ ସେ ଚାଲିଚାଲି ପିଠାପୁରସ୍ଥିତ ଘରକୁ ଫେରୁଥିବା ସମୟରେ ଦୋଳମୁଣ୍ଡାଇ ଛକ ନିକଟରେ ପଛରୁ ୨ ଜଣ ଯୁବକ ଏକ ବାଇକ୍‌ରେ ଆସି ହଠାତ୍ ସେ ପିନ୍ଧିଥିବା ସୁନାହାରକୁ ଛିଣ୍ଡାଇ ନେଇଥିଲେ । ଏହି ସମୟରେ ମହିଳାଙ୍କ ପାଟିଶୁଣି ସ୍ଥାନୀୟ କିଛି ଦୋକାନୀ ଦୁର୍ବୃତ୍ତଙ୍କ ଧରିବା ପାଇଁ ଉଦ୍ୟମ କରିଥିଲେ, ହେଲେ ସେଥିରେ ସେମାନେ ବିଫଳ ହୋଇଥିଲେ । ଲୁଟ୍ ଘଟାଇବା ପରେ ଦୁର୍ବୃତ୍ତଦ୍ୱୟ ଦ୍ରୁତଗତିରେ ବାଦାମବାଡ଼ି ଆଡକୁ ପଳାଇଯାଇଥିଲେ । ସିସିଟିଭି ଯାଞ୍ଚ ପରେ ଅଭିଯୁକ୍ତଦ୍ୱୟ ହେଲମେଟ ପିନ୍ଧିଥିବା ଜଣାପଡିଛି । ଉଭୟ ଏରାଗୋଲା ଗ୍ୟାଙ୍ଗର ହୋଇଥିବା ବେଳେ ବାଇକ୍ ନମ୍ବରକୁ ଆଧାରକରି ସେମାନଙ୍କୁ ଧରିବା ଲାଗି ଉଦ୍ୟମ କରାଯାଉଥିବା ଜୋନ୍ ଏସିପି ସ୍ୱସ୍ତିକ ପଣ୍ଡା ସୂଚନା ଦେଇଛନ୍ତି ।

## ନାବାଳିକାକୁ ଦୁଷ୍କର୍ମ; ଥାନାରେ ଏତଲା

**ଗୁରୁତର ନାବାଳିକା ଏସ୍‌ସିବିରେ ଭର୍ତ୍ତି**

**କଟକ,୧୫ ।୨(ସମିସ):** ମଧୁପାଟଣା ଥାନା ଅନ୍ତର୍ଗତ ବାଲିସାହି ବସ୍ତିର ଜଣେ ନାବାଳିକା ଦୁଷ୍କର୍ମର ଶିକାର ହୋଇଛି । ତାର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପରିବାର ପକ୍ଷରୁ ନାବାଳିକାଙ୍କୁ ଏସ୍‌ସିବି ମହିଳା ଓ ପ୍ରସୂତି ବିଭାଗରେ ଭର୍ତ୍ତି କରାଯାଇଛି । ଏ ସମ୍ପର୍କରେ ନାବାଳିକାଙ୍କ ବାପା ଓ ମା' ଥାନାରେ ଏତଲା ଦେବା ପରେ ପୁଲିସ ଘଟଣାକୁ ଗୁରୁତର ସହ ଗ୍ରହଣ କରି ତଦନ୍ତ ଆରମ୍ଭ କରିଛି । ପୁଲିସ ଟିମ୍ ସ୍ଥାନୀୟ ଅଞ୍ଚଳକୁ ଯାଇ ପଚରାଉଚରା କରୁଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ବିଭିନ୍ନ ଅଞ୍ଚଳରେ ଚଢଉ ଜାରି ରଖିଛି ବୋଲି ଆଇଆଇସି ଚିତ୍ତରଞ୍ଜନ ରାଉତ କହିଛନ୍ତି । ଅନ୍ୟପଟେ ନାବାଳିକା ନିଜ ଘରୁ କେଉଁ ରାସ୍ତାରେ ଯାଇଛି, ତା ପାଖରେ କିଏ ଥିଲା ଏବଂ କେଉଁ ଆଡକୁ ଅଭିଯୁକ୍ତ ତାଙ୍କୁ ନେଇଥିଲା, ତାହାକୁ ଜାଣିବା ପାଇଁ ପୁଲିସ ସ୍ଥାନୀୟ ଅଞ୍ଚଳର ସିସିଟିଭି ଯାଞ୍ଚ କରୁଥିବା ଜଣାପଡ଼ିଛି । ପୁଲିସ ସୂତ୍ରରୁ ପ୍ରକାଶ, ଗତକାଲି ସରସ୍ୱତୀ ପୂଜା ହୋଇଥିବା ବେଳେ ୭ ବର୍ଷୀୟ ଝିଅଟି ନିଜ ମା'ଙ୍କୁ ଚୂଡି କିଣିବା ପାଇଁ ଯିବ ବୋଲି ଟଙ୍କା ମାଗିଥିଲା । ମା'ଙ୍କଠାରୁ ଟଙ୍କା ଆଣିବା ପରେ ବାଲିସାହି ବସ୍ତିର ଅନ୍ୟଜଣେ ଝିଅ ସହିତ ସେ ପୋପରଡା ଛକକୁ ଚୂଡି କିଣିବାକୁ ପାଇଁ ଯାଇଥିଲା । ସକାଳ ୭ରୁ ସନ୍ଧ୍ୟା ଯାଏ ଝିଅ ଘରକୁ ନ ଆସିବାରୁ ବାପା/ମା'ଙ୍କ ସନ୍ଦେହ ହୋଇଥିଲା । ଏହାପରେ ମା' ଝିଅକୁ ଖୋଜାଖୋଜି କରିଥିଲେ । ଶେଷରେ ଯେଉଁ ଝିଅ ସହିତ ନାବାଳିକା ଜଣକ ଚୂଡି କିଣିବା ପାଇଁ ଯାଇଥିଲେ, ସେ ଝିଅ ଘରୁ ନାବାଳିକାଙ୍କୁ ବାପା/ମା' ପାଇଥିଲେ । ଏହାପରେ ନାବଳିକା ଜଣକ ଚାଲି ପାରୁ ନ ଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିବା ଦେଖିବାକୁ ମିଳିଥିଲା । ଏ ବିଷୟରେ ନାବାଳିକାର ବାପା ସାଙ୍ଗରେ ଯାଇଥିବା ସାଙ୍ଗକୁ ପଚାରିବାରୁ ସେ ସାଇକଲରୁ ପଡ଼ି ଆହତ ହୋଇଥିବା କହିଥିଲା । ହେଲେ ରାତି ୮ଟା ବେଳକୁ ଶରୀରରୁ ପ୍ରବଳ ରକ୍ତସ୍ରାବ ହେବାରୁ ଝିଅକୁ ବାପା ଓ ମା'ଏସ୍‌ସିବି ମେଡିକାଲକୁ ନେଇଥିଲେ । ଏହା ଭିତରେ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଥିବା ବାପା/ମା'ସ୍ପଷ୍ଟ ହୋଇଥିଲେ । ଏବେ ସେ ଏସ୍‌ସିବି ମେଡିକାଲରେ ଗୁରୁତର ଭାବେ ଚିକିତ୍ସିତ ହେଉଛି । ଅନ୍ୟପଟେ ନାବାଳିକାଙ୍କ ମାଉସୀ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଝିଆରୀକୁ ୩/୪ଜଣ ଯୁବକ ପୋପରଡା ଅଞ୍ଚଳରୁ ଟେକି ନେଇ ନଦୀ ପଠାରେ ଦୁଷ୍କର୍ମ କରିଛନ୍ତି ।

## ସମ୍ବାଦପତ୍ର ବିକ୍ରେତା ସଂଘର ଶ୍ରଦ୍ଧାଞ୍ଜଳି



**କଟକ,୧୫ ।୨(ସମିସ):** ସମ୍ବାଦପତ୍ର ବିକ୍ରେତା ସଂଘର ସଦସ୍ୟ ମାନସ ଦାସଙ୍କ ପିତା ସ୍ୱର୍ଗତ କୃଷ୍ଣଚନ୍ଦ୍ର ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସମ୍ବାଦପତ୍ର ବିକ୍ରେତା ସଂଘର ସଦସ୍ୟମାନେ ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ପ୍ରଦ୍ୟୁମ୍ନ ବିଶୋଇ, ଦୁର୍ଗାପ୍ରସାଦ ଛାଟୋଇ, ଉମେଶ ସାହୁ, ବିଷ୍ଣୁ ବିଶୋଇ, ହେମନ୍ତ ପଟ୍ଟନାୟକ, ଦୀପ୍ତିରଞ୍ଜନ ପଟ୍ଟନାୟକ ଓ ପ୍ରବୀର ସାହୁ ପ୍ରମୁଖ ଯୋଗଦେଇଥିଲେ ।

**ସଂଗ୍ରାମୀ ବିବୁଧେନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ**

## ତ୍ୟାଗ, ସେବା ଓ ସମର୍ପଣ ବିବୁଧେନ୍ଦ୍ରଙ୍କ ବ୍ରତ ଥିଲା




**କଟକ,୧୫ ।୨(ସମିସ):** ସ୍ୱର୍ଗତ ବିବୁଧେନ୍ଦ୍ର ମିଶ୍ର ଥିଲେ ଜଣେ ସମାଜ ସଂସ୍କାରକ । ସେ ଥିଲେ ତ୍ୟାଗ, ସେବା ଓ ସମର୍ପଣର ସ୍ୱରୂପ । ବହୁମୁଖି ପ୍ରତିଭାର ଅଧିକାରୀ ଥିବା ସ୍ୱର୍ଗତ ମିଶ୍ରଙ୍କ ଜୀବନ ସମସ୍ତଙ୍କ ପାଇଁ ପ୍ରେରଣା ଉତ୍ସ ବୋଲି କହିଛନ୍ତି ଓଡିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ । ଏଣୁ ସ୍ୱର୍ଗତ ମିଶ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମୁଖ୍ୟ ବିଚାରପତି ଆହ୍ୱାନ ଦେଇଛନ୍ତି । ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ ଆଇନଜୀବୀ ସ୍ୱର୍ଗତ ଡ.ବିବୁଧେନ୍ଦ୍ର ମିଶ୍ରଙ୍କ ଦ୍ୱାଦଶ ଶ୍ରାଦ୍ଧବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଷ୍ଟିସ ଶରଣ ସିଂହ ଏହା କହିଛନ୍ତି । ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଉଦବୋଧନ ଦେଇ କହିଥିଲେ ଯେ, ସ୍ୱର୍ଗତ ବିବୁଧେନ୍ଦ୍ର ଜଣେ ପ୍ରଚଣ୍ଡ ସ୍ୱାଭିମାନୀ ଓ ନିର୍ଭିକ ବ୍ୟକ୍ତିତ୍ୱ ଥିଲେ । ସମାଜ ପାଇଁ ସେ ଅନେକ ଛାପ ଛାଡିଯାଇଥିବା କହିଥିଲେ ଜଷ୍ଟିସ ଷଡଙ୍ଗୀ । ସମ୍ମାନୀତ ଅତିଥି ଭାବେ ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା ଉଦବୋଧନ ଦେଇ ସ୍ୱର୍ଗତ ମିଶ୍ରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଟ୍ରଷ୍ଟର ଆବାହକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ । ଅତିଥି ପରିଚୟ ପ୍ରଦାନ କରିଥିଲେ ହାଇକୋର୍ଟ ବାର ଉପସଭାପତି ବିଦ୍ୟାଧର ପ୍ରଧାନ । ବିବୁଧେନ୍ଦ୍ର ମିଶ୍ର ମେମୋରିଆଲ ଟ୍ରଷ୍ଟ ଓ ହାଇକୋର୍ଟ ବାର ପକ୍ଷରୁ ବାର ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ସ୍ମୃତି ସଭାରେ ଓଡିଶା ହାଇକୋର୍ଟ ବାର ସଭାପତି ଧରଣୀଧର ନାୟକ ସଭାପତିତ୍ୱ କରିଥିଲେ । ଶେଷରେ ହାଇକୋର୍ଟ ବାର ସମ୍ପାଦକ ଚିତ୍ତ ରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଅତିଥି ମାନଙ୍କୁ ସ୍ୱର୍ଗତ ବିବୁଧେନ୍ଦ୍ରଙ୍କ ପୁତ୍ର ମାନବେନ୍ଦ୍ର ମିଶ୍ରଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମର ୬ଜଣ ଅନ୍ତେବାସୀ ରାମାଇ ଟୁଡୁ, ପୂର୍ଣ୍ଣଚନ୍ଦ୍ର ସୋରେନ, ମନୋଜ ଟୁଡୁ, କୁନାଲ ଚତର, ଦାସ ପୂର୍ତ୍ତି ଓ ଚନ୍ଦ୍ର ହେମ୍ବ୍ରମଙ୍କୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ପୁରସ୍କୃତ କରାଯାଇଥିଲା । ଉତ୍ସବରେ ବହୁ ବିଚାରପତି ଓ ଆଇନଜୀବୀ ମାନେ ଉପସ୍ଥିତ ଥିଲେ ।

## ବିଭିନ୍ନ ବସ୍ତିରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**କଟକ,୧୫।୨(ସମିସ):** ଆଜି ମେୟର ସୁବାସ ସିଂହ କଟକ ମହାନଗର ନିଗମ ଅଞ୍ଚଳର ବିଭିନ୍ନ ବସ୍ତିରେ ଆୟୋଜିତ ହୋଇଥିବା "ଆମ ଓଡ଼ିଶା-ନବୀନ ଓଡିଶା' କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । "ଆମ ଓଡ଼ିଶା-ନବୀନ ଓଡିଶା' କାର୍ଯ୍ୟକ୍ରମ ଅନ୍ତର୍ଗତ ୱାର୍ଡ ନଂ ୩୦, ୧, ୨୬ ଓ ୮ ବସ୍ତି ବାସିନ୍ଦାଙ୍କ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା କିପରି ଜନସାଧାରଣଙ୍କ ପାଖରେ ପହଞ୍ଚିବ ସେ ବିଷୟରେ ବସ୍ତି ବାସିନ୍ଦାଙ୍କୁ ଅବଗତ କରିଥିଲେ । ଏହାପରେ ବିଭିନ୍ନ ସାଂସ୍କୃତିକ, କଳା ଓ ଖେଳ କାର୍ଯ୍ୟକ୍ରମ କରାଯାଇଥିଲା । କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ମେୟର ଶ୍ରୀ ସିଂ ପୁରସ୍କାର ବିତରଣ କରିଥିଲେ । ଏହି ଅବସରରେ କାର୍ଯ୍ୟରତ ବିଭାଗୀୟ ଅଧିକାରୀ, କର୍ପୋରେଟର, ଏସଡିଏ ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ ସଭ୍ୟସଭ୍ୟା, ସମସ୍ତ ବସ୍ତିବାସିନ୍ଦା, ସ୍ୱାସ୍ଥ୍ୟ ଅଧିକାରୀ, ଅଙ୍ଗନବାଡି ଅଧିକାରୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ ।



## ପୁଣି ବନ୍ଧାହେଲା କୁଖ୍ୟାତ ନକଲି ଡାକ୍ତର ସତ୍ୟରଞ୍ଜନ

କଟକ,୧୫ ।୨(ସମିସ)



ପୁଣି ଥରେ କୁଖ୍ୟାତ ଠକ ତଥା ନକଲି ଡାକ୍ତର ସତ୍ୟରଞ୍ଜନ ସାମଲକୁ ଗିରଫ କରିଛି କମିଶନରେଟ୍ ପୁଲିସ । ତା'ର ଘର ମହାନଦୀ ବିହାର ଅଞ୍ଚଳରେ । ପୂର୍ବରୁ ୧୫ରୁ ଉର୍ଦ୍ଧ୍ୱ ମାମଲାରେ ଛନ୍ଦି ହୋଇ ବହୁ ବାର ଜେଲ ଯାଇଥିବା ସତ୍ୟରଞ୍ଜନ ଏଥର ନିଜ ବାପାକୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଗିରଫ ହୋଇଛି । ଅନ୍ୟପକ୍ଷରେ ବାରମ୍ବାର ଅପରାଧ ଘଟାଉଥିବାରୁ ତା' ବିରୋଧରେ ପୁଲିସ ୧୧୦ଦଫାରେ କେସ୍ କରିଥିବା ଡିସିପି ଡଃ କନୱର ବିଶାଲ ସିଂହ ସୂଚନା ଦେଇଛନ୍ତି ।

ପୁଲିସ ସୂଚନା ଅନୁଯାୟୀ, ସତ୍ୟରଞ୍ଜନ ନାମରେ ପୂର୍ବରୁ ବଳାତ୍କାର ଓ ହତ୍ୟା ଅଭିଯୋଗ ମାମଲା ରହିଥିଲା । କିଛିଦିନ ପୂର୍ବେ ବଡବିଲ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଧମକ ଦେଇ ଚାନ୍ଦା ମାଗିବା ଘଟଣାରେ ସତ୍ୟରଞ୍ଜନ ସହିତ ତା'ର ୩ ସହଯୋଗୀଙ୍କୁ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ହୋଟେଲରୁ ବାମରାବାରି ଥାନା ପୁଲିସ ଗିରଫ କରିଥିଲା । ଏହାପରେ ବଡ୍‌ବିଲ ଜେଲ୍‌ରେ ୨ମାସରୁ ଅଧିକ ସମୟ ରହିବା ପରେ ୨୦ଦିନ ପୂର୍ବେ ସେ ଜାମିନ୍‌ରେ ମୁକୁଳି ଥିଲା । ତେବେ ଏହି ଘଟଣା ପରେ ବି ମାମଲା ତା'ର ପିଛା ଛାଡି ନ ଥିଲା । ଏହାପୂର୍ବରୁ ସେ ଜଣେ ଠିକାଦାରଙ୍କଠାରୁ ଧମକାଇ୧୦ଲକ୍ଷଟଙ୍କା ନେବା ଅଭିଯୋଗ ଚାଉଳିଆଗଞ୍ଜ ଥାନାରେ ହୋଇଥିଲା । ବ୍ୟାଙ୍କରୁ ଲକ୍ଷ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ବିଡ଼ାନାସୀ ଥାନାରେ ମଧ୍ୟ ତା' ନାଁରେ ମାମଲା ରୁଜୁ କରାଯାଇଥିଲା । ଜନୈକ ରାଜନେତାଙ୍କ ପାଖଲୋକ କହି ଜଗତପୁର ଥାନାର ଜଣେ ପୁଲିସ କର୍ମଚାରୀଙ୍କ ପୁଅକୁ ଚାକିରି ଯୋଗାଇ ଦେବା ନାଁରେ ୨ଲକ୍ଷ ଟଙ୍କା ଠକିନେଇଥିଲା । ଏସବୁ ଅପରାଧିକ ମାମଲାରେ ସେ ୩ଟି ଥାନା ପୁଲିସର ଟାର୍ଗେଟ୍‌ରେ ରହିଥିଲା । ପୁଲିସ ତାକୁ ଧରିବା ପାଇଁ ଉଦ୍ୟମ ଜାରି ରଖିଥିଲା । ବଡବିଲ୍ ଜେଲ୍‌ରୁ ମୁକୁଳିବା ପରେ ସେ ତା'ର ମହାନଦୀବିହାରସ୍ଥିତ ଘରେ ଆତ୍ମଗୋପନ କରି ରହିଥିଲା । ଫଳରେ ତାକୁ ଧରିବା ଲାଗି ପୁଲିସ ବାରମ୍ବାର ଘରେ ଚଢ଼ଉ କରିବାରୁ ଏଠାରୁ ରାତିଅଧିଆ ଖସି ପଳାଇଯିବା ଲାଗି ଯୋଜନା କରିଥିଲା । ଏଥିପାଇଁ ତା'ର ବାପା ସୁବାସ ସାମଲଙ୍କୁ ୧୦ଲକ୍ଷ ମାଗିଥିଲା । ତେବେ ସେ ଟଙ୍କା ଦେବାକୁ ମନା କରିଦେବାରୁ ସତ୍ୟରଞ୍ଜନ ତାଙ୍କର ମୋବାଇଲ ଛଡାଇନେବା ସହିତ ମରଣାନ୍ତକ ଆକ୍ରମଣ କରିଥିଲା । ତେବେ ସୁବାସ କୌଣସି ପ୍ରକାର ସେଠାରୁ ଖସି ଆସିବା ସହିତ ଘଟଣା ସଂକ୍ରାନ୍ତରେ ଚାଉଳିଆଗଞ୍ଜ ଥାନାରେ ଏତଲା ଦେଇଥିଲେ । ଅଭିଯୋଗ ଆଧାରରେ ଆଜି ସନ୍ଧ୍ୟାରେ ପୁଲିସ ତା'ର ଘରେ ଚଢ଼ଉ କରିଥିଲା । ତେବେ କୌଣସି ପ୍ରକାର ସୂଚନା ପାଇ ସତ୍ୟରଞ୍ଜନ ଶୋଇବା ଘରେ ଲୁଚିଯାଇଥିଲା । ଗୃହ ତଲାସି ସମୟରେ ଖଟ ତଳୁ ପୁଲିସ ତାକୁ କାବୁ କରି ନେଇ ଗିରଫ କରିଥିବା ଥାନା ଅଧିକାରୀ ଦେବେନ୍ଦ୍ରକୁମାର ବିଶ୍ୱାଳ କହିଛନ୍ତି । ସେହିପରି ସତ୍ୟରଞ୍ଜନ ଧରାପଡ଼ିଥିବାରୁ ଆସନ୍ତାକାଲି ଉଭୟ ବିଡ଼ାନାସୀ ଓ ଜଗତପୁର ଥାନା ପୁଲିସ ସେମାନଙ୍କ ମାମଲାରେ ରିମାଣ୍ଡରେ ନେବେ ବୋଲି ସୂଚନା ମିଳିଛି ।

ଅନ୍ୟପକ୍ଷରେ ସତ୍ୟରଞ୍ଜନଙ୍କ ଡାକ୍ତରୀ ଓ ଆଇନ ଡିଗ୍ରିକୁ ନେଇ ଗୁରୁତର ଅଭିଯୋଗ ଉଠିଛି । ସେ ବିହାର ପାଟନାସ୍ଥିତ ଏକ ସଂସ୍ଥାରୁ ଡାକ୍ତରୀ ଏବଂ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ଆଇନ ମହାବିଦ୍ୟାଳୟରୁ ଓକିଲାତି ପାସ କରିଥିବା ନେଇ ଯେଉଁ ପ୍ରମାଣପତ୍ର ହାସଲ କରିଛି ତାହା ନକଲି ବୋଲି ଅଭିଯୋଗ ହୋଇଛି । ଏହାକୁ ଭିତ୍ତିକରି ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଶ୍ରୀ ବିଶ୍ୱାଳ କହିଛନ୍ତି । ଅନ୍ୟପକ୍ଷରେ ଭୁବନେଶ୍ୱରର ଚର୍ଚ୍ଚିତ କୁମ୍‌କୁମ୍ ସା' ନିଖୋଜ ଘଟଣାରେ ମଧ୍ୟ ସତ୍ୟ ରଞ୍ଜନର ସଂପୃକ୍ତି ଥିବା ପୂର୍ବରୁ ଅଭିଯୋଗ ହୋଇଛି । ବଡଗଡ ଅଞ୍ଚଳରେ ରହୁଥିବା ବାରିପଦାର କୁମକୁମ ସା' ନିଜର କେତେକ ସଂପତ୍ତି ବିକ୍ରି କରିବା ଆଳରେ ବହୁ ଲୋକଙ୍କ ଠାରୁ ଦୁଇ କୋଟିରୁ ଅଧିକ ଟଙ୍କା ଠକିନେଇ ଆଜକୁ ୧୦ ବର୍ଷ ହେଲାଣି ନିଖୋଜ ଅଛନ୍ତି । ଯାହାର କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରହିଛି । ଏହି ଘଟଣାରେ ଅଭିଯୁକ୍ତ ସତ୍ୟରଞ୍ଜନଙ୍କୁ କ୍ରାଇମବ୍ରାଞ୍ଚ ପୁଲିସ ରାତିଅଧରେ ଉଠାଇ ନେବା ସହିତ ପଲିଗ୍ରାଫ ଟେଷ୍ଟ ମଧ୍ୟ କରାଇଥିଲା । ଫଳରେ ଏବେ ବି ଏହି ଘଟଣାରେ ସତ୍ୟରଞ୍ଜନ କ୍ରାଇମବ୍ରାଞ୍ଚ ସ୍କାନରରେ ରହିଥିବା ଜଣାପଡ଼ିଛି ।

DSPL-568

ଓଡ଼ିଶା ସରକାର

ଉଚ୍ଚ ମାଧ୍ୟମିକ ପରୀକ୍ଷାର୍ଥୀଙ୍କୁ
ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା



ଚଳିତ ବର୍ଷର ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୪ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଏହା ପରିଚାଳିତ ହେଉଛି ।

ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ । ସବୁ ପରୀକ୍ଷାର୍ଥୀ ଯେପରି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ । ବିଶେଷ କରି, ଶିକ୍ଷକ ଶିକ୍ଷୟିତ୍ରୀ ଓ ପିତାମାତାଙ୍କର ଏ ଦିଗରେ ବିଶେଷ ଭୂମିକା ରହିଛି । ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ସମସ୍ତ ଜନସାଧାରଣଙ୍କର ସହଯୋଗ କାମନା କରୁଛି ।

ଏହି ଅବସରରେ ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ମୋର ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର



ବାର୍ତ୍ତା

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆନୁକୂଲ୍ୟରେ ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ (+୨) ପରୀକ୍ଷା କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ସ୍ରୋତରେ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେସଙ୍ଗେ ସେମାନଙ୍କର ଇପ୍‌ସିତ ସଫଳତା କାମନା କରୁଛି । ଚାପର ବଶବର୍ତ୍ତୀ ନ ହୋଇ ଅଧ୍ୟୟନ, ପରିଶ୍ରମ ଏବଂ ଆତ୍ମବିଶ୍ୱାସକୁ ପାଥେୟ କରି ଛାତ୍ରଛାତ୍ରୀମାନେ ପରୀକ୍ଷାର ସମ୍ମୁଖୀନ ହେବେ ବୋଲି ଆଶା ଏବଂ ବିଶ୍ୱାସ । ଉକ୍ତ ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସଂପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ, ପୋଲିସ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ସୁଦାମ ମାର୍ଣ୍ଡି)
ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଓଡ଼ିଶା

OIPR-11003/13/0013/2324

## ସହିଦ ମନୋଜ ବେହେରାଙ୍କ ବଳିଦାନ ଦିବସ



ନିଆଳି, ୧୫।୨(ସମିସ): କଟକ ଜିଲ୍ଲା ନିଆଳି ବ୍ଲକ ରତନପୁରର ରତ୍ନ ମନୋଜ ବେହେରାଙ୍କ ପଞ୍ଚମ ବଳିଦାନ ଦିବସ ବୁଧବାର ତାଙ୍କ ପରିବାର ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ସହିଦ୍‌ଙ୍କ ବାସଭବନ ନିକଟ ଓ ସ୍ଥାନୀୟ ଗାଁ ଶ୍ମଶାନ ସମାଧି ପୀଠରେ ଥିବା ସହିଦ୍ ମନୋଜଙ୍କ ପ୍ରତିମୂର୍ତ୍ତିରେ ପରିବାର ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାଲ୍ୟାର୍ପଣ କରିଥିଲେ। ତାଙ୍କ ବାସଭବନରେ ନିକଟସ୍ଥ ଚାରିଛକ ନୂଆଗାଁ ଆତ୍ମାରାମ ବାଳାଶ୍ରମ ପକ୍ଷରୁ ସହିଦ୍ ମନୋଜଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଗୀତାପାଠ ଓ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ୨୦୧୯ ଫେବୃଆରୀ ୧୪ ତାରିଖରେ ଜାମ୍ମୁ କାଶ୍ମୀର ପୁଲ୍‌ୱାମା ଜିଲ୍ଲା ଅବନ୍ତିପୁର ଠାରେ ଆତଙ୍କବାଦୀ ଆକ୍ରମଣରେ ମନୋଜ ବେହେରା ସହିଦ୍ ହୋଇଥିଲେ।

## ମୁକ୍ତାକାଶ ବ୍ୟାୟାମଶାଳା ଉଦ୍‌ଘାଟିତ



ଚୌଦ୍ୱାର, ୧୫।୨(ସମିସ): ଚୌଦ୍ୱାର ପୌରପାଳିକା ତରଫରୁ ୧୭ ନମ୍ବର ୱାର୍ଡ କଳିଙ୍ଗନଗର ସ୍ଥିତ ହନୁମାନ ମନ୍ଦିର ନିକଟରେ ଏକ ମୁକ୍ତାକାଶ ବ୍ୟାୟାମଶାଳା ଉଦ୍‌ଘାଟିତ ହୋଇଯାଇଛି। ମୁକ୍ତା ଯୋଜନାରେ ପ୍ରାୟ ୨୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ବ୍ୟାୟାମଶାଳାକୁ ବିଧାୟକ ସୌଭିକ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। କାଉନସିଲର ଆଶୁତୋଷ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଜିଲ୍ଲା ବିଜେଡି ଉପସଭାପତି ପ୍ରେମଚାନ୍ଦ ନାୟକ, ନଗର ସଭାପତି ବିଷ୍ଣୁ ଚରଣ ପରିଡ଼ା, ନଗର କାର୍ଯ୍ୟକାରୀ ସଭାପତି ବିମଳ ବେଉରା, ମହିଳା ମୋର୍ଚ୍ଚା ସଭାନେତ୍ରୀ କବିତାରାଣୀ ଲେଙ୍କା ପ୍ରମୁଖ ଏଥିରେ ଅତିଥିଭାବେ ଯୋଗଦେଇଥିଲେ। ସୁବାଷ ଚନ୍ଦ୍ର ବାରିକ୍, ଅଜୟ ଶର୍ମା, ସୁଜାତା ରଥ, ସ୍ନିଗ୍ଧା ଶର୍ମା, ରଶ୍ମି ରଞ୍ଜନ ଦାସ, ବିଭୁ କଲ୍ୟାଣ ମହାନ୍ତି, ଆକାଶ ସାହୁ, ଆକାଶ ବାରିକ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୁସ୍ତକ 'ବିଭୁକୃପା' ଉନ୍ମୋଚିତ

କଟକ, ୧୫।୨(ସମିସ): ସାରସ୍ୱତ ସାଧକ, ପ୍ରବଚକ ତଥା ବିଶିଷ୍ଟ ଶିକ୍ଷାବିତ ପଣ୍ଡିତ କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ଲିଖିତ ଆତ୍ମଜୀବନୀ 'ବିଭୁକୃପା' କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଉନ୍ମୋଚିତ ହୋଇଯାଇଛି। ପୀୟୁଷ ରଞ୍ଜନ ପରିଡ଼ାଙ୍କ ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ଉନ୍ମୋଚିତ କାର୍ଯ୍ୟକ୍ରମକୁ କବି ପିତାମ୍ବର ମହାପାତ୍ର ସଞ୍ଚାଳନ କରିଥିବାବେଳେ ଏଥିରେ ବରିଷ୍ଠ ନାଗରିକ ହୃଦାନନ୍ଦ ଜେନା, ଅବସରପ୍ରାପ୍ତ ପ୍ରାଧ୍ୟାପକ ସନ୍ତୋଷ ତ୍ରିପାଠୀ, ଅନନ୍ତ ଚରଣ ଦଳାଇ, ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟିର ସମ୍ପାଦକ ନବଘନ ରାଉତ, କାଳୀ ପ୍ରସାଦ ମହାପାତ୍ର, ରାଧାକୃଷ୍ଣ ସ୍ୱାଇଁ, ନୀଳମଣି ସାହୁ, ଇଂ ଉମେଶ ଚନ୍ଦ୍ର ଜେନା, ପ୍ରତାପ ବେହେରା, ବିକ୍ରମ ନନ୍ଦ, ଦିଲ୍ଲୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ରମାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ପଣ୍ଡିତ ତ୍ରିପାଠୀ ଜଣେ ଖ୍ୟାତନାମା ସଂସ୍କୃତ ଶିକ୍ଷକ ଭାବେ ରାଜ୍ୟରେ ପରିଚିତ ଏବଂ ତାଙ୍କ ଲିଖିତ ସଂସ୍କୃତ ବହି ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଅଧ୍ୟୟନ କରନ୍ତି।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଉଦ୍‌ଯାପିତ



ନିଶ୍ଚିନ୍ତକୋଇଲି, ୧୫।୨(ସମିସ): ନତକାଇ ବଲ୍ଲଭୀଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଶା । ସରକାରଙ୍କ କ୍ରୀଡ଼ା ଓ ଯୁବସେବା ମନ୍ତ୍ରଣାଳୟ ଆନୁକୂଲ୍ୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଏବଂ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ନିବେଦିତା ଦାଶଙ୍କ ସଭାପତିତ୍ୱରେ ସାଲେପୁର ଅଟୋନୋମସ୍ ମହାବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷାବିଭାଗର ପ୍ରଫେସର ଡ. ପ୍ରସନ୍ନ ମହାପାତ୍ର, ମୁଖ୍ୟବ୍ୟକ୍ତା ଭାବରେ ବଲ୍ଲଭୀ ଦେବୀ ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପୁଷ୍ପିତା ଜେନା ଯୋଗଦେଇ ଭାଷା, ସାହିତ୍ୟ ଓ ସଂସ୍କୃତି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ନୋଡ଼ାଲ ଅଧିକାରୀ ଅଧ୍ୟାପିକା କ୍ଷୀତିଶ ଭୂୟାଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଶୁଭଶ୍ରୀ ନାୟକ, ଅଧ୍ୟାପିକା ରେଶ୍ମା ପ୍ରଧାନ, ଦିପ୍ତୀ ମହାରଣା, ମୌସୁମୀ ସାମଲ, କାର୍ଯ୍ୟାଳୟ ସହକାରୀ ଅଶୋକ ରାଉତ, ନିରଞ୍ଜନ ବାରିକ, ବୈକୁଣ୍ଠ ଚରଣ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ଅଧ୍ୟାପିକା ସୁପ୍ରଭା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ପିତୃମାତୃ ପୂଜନ ଉତ୍ସବ

ନିଆଳି, ୧୫।୨(ସମିସ): ନିଆଳି ବ୍ଲକ ଅନ୍ତର୍ଗତ ପହଙ୍ଗା ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରରେ ପବିତ୍ର ସରସ୍ୱତୀ ପୂଜା ଅବସରରେ ପିତୃ ମାତୃ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଭାକର ରାଉତ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ କ୍ଷୀରୋଦ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକ ଡ. ତ୍ରିନାଥ ପଟ୍ଟନାୟକ, ମୁଖ୍ୟବକ୍ତା ଚିନ୍ମୟ ମିଶନର ଆଞ୍ଚଳିକ ମୁଖ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ ଓ ସମ୍ମାନୀତ ଅତିଥି ଭାବେ ବ୍ଲକ ସହ ଶିକ୍ଷା ଅଧିକାରୀ ଅନନ୍ତ ନାରାୟଣ ସିଂହ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପବିତ୍ର ରାଉତ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରଶ୍ମି ରଞ୍ଜନ ମୁଦୁଲି ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ପକ୍ଷରୁ ପିତୃମାତୃ ପୂଜନ କାର୍ଯ୍ୟକ୍ରମ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କଲା ପ୍ରଶାସନ

# ଜବରଦଖଲ ମୁକ୍ତହେଲା ଶ୍ମଶାନ ଜମି

କିଶନନଗର, ୧୫।୨(ସମିସ)



କିଶନନଗର ତହସିଲ ପ୍ରଶାସନ ପକ୍ଷରୁ ଆଜି ସ୍ଥାନୀୟ ଧରିଣା ପଞ୍ଚାୟତ ପାରାବିଲ ଗ୍ରାମର ଏକ ଶ୍ମଶାନ କିସମ ଜମିର ସୀମା ନିର୍ଦ୍ଧାରଣ କରାଯିବା ସହ ଏହା ଜବରଦଖଲ ମୁକ୍ତ ହୋଇଛି। ଖାତା ନଂ ୫୦୩ର ପ୍ଲଟ ନଂ ୧୦୯୦ରେ ଥିବା ୨୬ ଡିସମିଲ ପରିମିତ ଏହି ଜମିକୁ ଜୈନିକ ବ୍ୟକ୍ତି ଦୀର୍ଘଦିନରୁ ଜବରଦଖଲ କରିଥିଲେ। ଉକ୍ତ ଜମିରେ ଚାକୁଣ୍ଡା, କଦଳୀ ଆଦି ଗଛ ଲଗାଇବା ସହ ଏକ ପାଇଖାନା ନିର୍ମାଣ କରାଯାଇଥିଲା। ଏହା ସହିତ ଏକ ପକ୍କାଘର ମଧ୍ୟ ସମ୍ପୃକ୍ତ ବ୍ୟକ୍ତି ନିର୍ମାଣ କରୁଥିଲେ।

ଏହି ଜମିର ସୀମା ନିର୍ଦ୍ଧାରଣ ପାଇଁ ଓଡ଼ିଶା ହ୍ୟୁମାନ ରାଇଟ କମିସନ (ଓଏଚଆରସି)ଙ୍କ ନିକଟରେ ଏକ ମାମଲା ୨୨୬୭/୨୦୨୩ ଦାୟର ହୋଇଥିଲା। ଯାହାର ଶୁଣାଣି କରି କମିଶନ ଏହି ଜମିର ସୀମା ନିର୍ଦ୍ଧାରଣ ଓ ଜବରଦଖଲ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିଶନନଗର ତହସିଲଦାର ମଧୁସୂଦନ ନାୟକ, ତହସିଲ କର୍ମଚାରୀ ପହଞ୍ଚି ଗୁରୁବାର ଏହି ଜମିର ସରଜମିନ ତଦନ୍ତ କରିବା ସହିତ ସୀମା ନିର୍ଦ୍ଧାରଣ କରିଥିଲେ। ଜେସିବି ଲଗାଇ ପାଇଖାନା ଓ ନିର୍ମାଣାଧୀନ ପକ୍କାଘରକୁ ଭାଙ୍ଗି ଦିଆଯାଇଥିଲା। ଏଥିରେ ଗ୍ରାମର ସଭାପତି ଧରଣୀଧର ବେହେରା, ପଞ୍ଚାୟତ ସରପଞ୍ଚ ରତ୍ନାକର ରାଉତ, ଗୋକୁଳାନନ୍ଦ ବୈଶାଖ, ବିଶ୍ୱଜିତ ଶତପଥି, ଉମେଶ ଚନ୍ଦ୍ର ବାଡି, ରମେଶ ଚନ୍ଦ୍ର ଶତପଥି, ବିଷ୍ଣୁ ଚରଣ ବେହେରା ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ କିଶନନଗର ଥାନା କର୍ମଚାରୀ, ଏକ ପ୍ଲାଟୁନ ପୁଲିସ ଫୋର୍ସ ସେଠାରେ ମୁତୟନ କରାଯାଇଥିଲା।

## 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ



ନିଶ୍ଚିନ୍ତକୋଇଲି, ୧୫।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅର୍ନ୍ତଗତ ମଣିଜଙ୍ଗ ଭଗବତୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନୋଡ଼ାଲ ଅଫିସର ଅଧ୍ୟାପକ ଆଶିଷ କୁମାର ପରିଡ଼ାଙ୍କ ତତ୍ତ୍ୱବଧାନରେ ଓଡ଼ିଶାର ପାରମ୍ପରିକ ନୃତ୍ୟ, ସଙ୍ଗୀତ, କଳା, ସଂସ୍କୃତି ଓ କ୍ରୀଡ଼ାରେ ଛାତ୍ରମାନଙ୍କର ବେଶ ପାରଦର୍ଶିତା ଦେଖାଇଥିଲେ। ଏହାର ଉଦଯାପନୀ ଉତ୍ସବରେ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନିତ୍ୟାନନ୍ଦ ନାୟକଙ୍କ ସଭାପତିତ୍ୱ ଏବଂ ଅଧ୍ୟାପିକା ବୀଣାପାଣି ରାଉତଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ପରିଚାଳନା କମିଟିର ପ୍ରାକ୍ତନ ସମ୍ପାଦକ ସମାଜସେବୀ କୈଳାସ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ବିଜୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ତ୍ରିଲୋଚନ ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ସରପଞ୍ଚ ଶାରଦାପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ସୁରେନ୍ଦ୍ରନାଥ ରାଉତ, ଅଧ୍ୟାପକ ବିଶ୍ୱଜିତ୍ ମହାନ୍ତି, ଚିତ୍ରୋତ୍ପଳା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ ଦେବବ୍ରତ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପିକା ବୀଣାପାଣି ରାଉତଙ୍କ ସଂଯୋଜନାରେ ଅଧ୍ୟାପିକା କଳ୍ପନା ମହାନ୍ତି, ଅଧ୍ୟାପିକା ମାନସୀ ରାଉତରାୟ, ଅଧ୍ୟାପକ ସୟଦ ନସିମ୍ ଅହମ୍ମଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ବିକାଶଚନ୍ଦ୍ର ସୂତାର ଧନ୍ୟବାଦ ଅର୍ପଣ କରିଥିଲେ।

## ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

ନିଶ୍ଚିନ୍ତକୋଇଲି, ୧୫।୨(ସମିସ)

ଉତ୍ତରକୂଳ ପଞ୍ଚାୟତ ସ୍ଥିତ ଚିତ୍ରୋତ୍ପଳା ଉଚ୍ଚ ମାଧ୍ୟମିକ ଶିକ୍ଷା ଓ ବୈଷୟିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ତିଳୋତ୍ତମା ନାୟକଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷିକା ଭାବେ ପ୍ରିୟଙ୍କା ନାୟକ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଜ୍ଞାନରଞ୍ଜନ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅଧ୍ୟାପିକା ଭାଗ୍ୟଶ୍ରୀ ଦାସ, ସମ୍ମାନୀତ ଅତିଥି ଭାବେ ଅଧ୍ୟାପିକା ବିଜୟଲକ୍ଷ୍ମୀ ଭୋଇ, ଅଧ୍ୟାପକ ବିପିନ ବିହାରୀ ମହାନ୍ତି, ଅଧ୍ୟାପକ ପ୍ରଦୀପ୍ତ ତ୍ରିପାଠୀ ଯୋଗଦେଇ ଛାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ନିଜକୁ ସୁରକ୍ଷିତ ରଖିବାକୁ ଆତ୍ମରକ୍ଷା କୌଶଳର ନିତ୍ୟାନ୍ତ ଆବଶ୍ୟକତା ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଅଧ୍ୟାପକ ଡ. ବିଜୟ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।




## କଟକ ସଦର ଥାନାଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଫୁଲନଖରା, ୧୫।୨(ସମିସ): କଟକ ସଦର ଥାନା ଅନ୍ତର୍ଗତ ରାମନଗର ଗ୍ରାମ୍ୟ କମିଟି ତରଫରୁ ସଦର ଥାନାରେ ଦୀର୍ଘଦିନ ଧରି କାର୍ଯ୍ୟରତ ଥିବା ଏସିପି ଚନ୍ଦନ ଘଡେଇ ଓ ଥାନା ଭାରପ୍ରାପ୍ତ ଅଧିକାରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ନୂତନ ଭାବରେ ଯୋଗଦେଇଥିବା ଆଇଆଇସି ଜଗନ୍ନାଥ ମଲ୍ଲିକଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଉପଲକ୍ଷେ ଗ୍ରାମର ଶ୍ରୀଶ୍ରୀ ରାମେଶ୍ୱର ମନ୍ଦିର ପରିସରରେ ଆଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀ ସନ୍ନ୍ୟାସୀ ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ଗ୍ରାମର ଧରଣୀଧର ବେହେରା, ଆଇନଜୀବୀ ଛବି ବେହେରା, ସମ୍ପାଦକ ଲକ୍ଷ୍ମୀଧର ସେଠୀ, ହୃଦାନନ୍ଦ ବେହେରା, ଉପସଭାପତି ଚିତ୍ତ ରଞ୍ଜନ ବେହେରା, ବଳରାମ ବେହେରା, ପଠାଣୀ ବେହେରା, ବିଭୂତି ବେହେରା, କାଳନ୍ଦୀ ଦାସ, ଉପେନ୍ଦ୍ର ବେହେରା, ଅଭିମନ୍ୟୁ ବେହେରାଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଶେଷରେ ଗ୍ରାମ୍ୟ କମିଟି ସଭାପତି ପ୍ରକାଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## 'ମୋ ଉଆସ' ସାଂସ୍କୃତିକ କାର୍ଯ୍ୟକ୍ରମ



ଟାଙ୍ଗୀ, ୧୫।୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଗରୁଡ଼ ଗାଁ ପଞ୍ଚାୟତ ଉଆସ ଗ୍ରାମସ୍ଥ ମା' ସରସ୍ୱତୀ ଯୁବକ ସଂଘ ଆନୁକୂଲ୍ୟରେ ମୋ ଉଆସ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବକ ସଂଘର ସଭାପତି ଉମେଶ ଚନ୍ଦ୍ର ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମୁଖ୍ୟଅତିଥି ଭାବେ ସଫା ପଞ୍ଚାୟତ ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ, ମୁଖ୍ୟବକ୍ତା ଭାବେ ଗରୁଡ଼ ଗାଁ ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ଗଙ୍ଗାଧର ବେହେରା, ଶିକ୍ଷକ ହାଡିବନ୍ଧୁ ନାୟକ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ମହାପାତ୍ର ପ୍ରମୁଖ ଯୋଗଦାନ କରି ଗ୍ରାମର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବାରେ ଉକ୍ତ ଯୁବକ ସଂଘକୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଗ୍ରାମର ଛାତ୍ରଛାତ୍ରୀ ଓ ବନ୍ଦନା କଳା ନିକେତନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ପ୍ରତିଭାଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କ୍ଲବର ପ୍ରିୟବ୍ରତ ସ୍ୱାଇଁ, ମନୋରଞ୍ଜନ ଛାଟୋଇ, ଲିପୁନ ଛାଟୋଇ, ବିବେକାନନ୍ଦ୍ ବେହେରା, ସନାତନ ସାମଲ ଓ ସନ୍ତୋଷ ସାହୁ ସହଯୋଗ କରିଥିବାବେଳେ ଆଦର୍ଶ ଶିକ୍ଷକ ପ୍ରମୋଦ ବେହେରା ମଞ୍ଚ ପରିଚାଳନା କରିଥିଲେ।

## ଜଗନ୍ନାଥ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ

ଚୌଦ୍ୱାର, ୧୫।୨(ସମିସ): ଚୌଦ୍ୱାର ମଙ୍ଗଳାସାହି ସ୍ଥିତ ଜଗନ୍ନାଥ ମନ୍ଦିରରେ ଚତୁର୍ଥ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୋମବାର ଠାରୁ ଅରମ୍ଭ ହୋଇ ୩ ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶୁଭାଧିବାସ, କଳସ ଶୋଭାଯାତ୍ରା, ଘଟ ସ୍ଥାପନ, ସୂର୍ଯ୍ୟପୂଜା, ଗୋପୂଜନ, ଶ୍ରୀ ଜିଉଙ୍କ ଉପଚାର ପୂଜା ଆଦି ରୀତି ନୀତିରେ ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ପ୍ରତିଷ୍ଠିତ ସଂକୀର୍ତ୍ତନ ମଣ୍ଡଳୀ ଅଷ୍ଟପ୍ରହର ନାମଯଜ୍ଞ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଆୟୋଜିତ ଆନନ୍ଦ ବଜାରରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ପ୍ରସାଦ ସେବନ କରିଥିଲେ। ବିଧାୟକ ସୌଭିକ୍ ବିଶ୍ୱାଳ, ନଗର ବିଜେଡି ସଭାପତି ବିଷ୍ଣୁଚରଣ ପରିଡ଼ା, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସ, ହୃଷିକେଶ ସାହୁ, ହରେକୃଷ୍ଣ ସାହୁ, ଦୀଲ୍ଲିପ ସାହୁ, ବିମଳ ବେଉରା, ଆଶୁତୋଷ ଦାସ, ବିଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅଜୟ ବେହେରା, ତ୍ରୈଲୋକ୍ୟ ଦଳାଇ, ମୂରଲୀଧର ମହାରଣାଙ୍କ ସମେତ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଦସ୍ୟ ବୃନ୍ଦ ଓ ସ୍ଥାନୀୟ ଜନସାଧାରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରାମକୃଷ୍ଣ ନନ୍ଦଙ୍କ ଜୟନ୍ତୀ ଉତ୍ସବ

# ଅନ୍ନପୂର୍ଣ୍ଣା ବେହେରାଙ୍କୁ 'ରାମକୃଷ୍ଣ ନନ୍ଦ ସ୍ମୃତି ସମ୍ମାନ'



କଣ୍ଟାପଡ଼ା, ୧୫।୨(ସମିସ)

'ଆହେ ଦୟାମୟ ବିଶ୍ୱବିହାରୀ' ପ୍ରାର୍ଥନାର ରଚୟିତା ପୁଣ୍ୟାତ୍ମା ରାମକୃଷ୍ଣ ନନ୍ଦଙ୍କ ୧୧୮ ତମ ଜୟନ୍ତୀ ଉତ୍ସବ ତାଙ୍କ ଜନ୍ମସ୍ଥାନ କଟକ ଜିଲ୍ଲା ବାଇରୋଇସ୍ଥିତ ସୌଦାମିନୀ ପାଠାଗାର ସଭାଗୃହରେ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଭାପତିତ୍ୱ କରିଥିଲେ। ପୂର୍ବତନ ମୁଖ୍ୟଶାସନ ସଚିବ ସହଦେବ ସାହୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ସମରେନ୍ଦ୍ର ବଳିଆରସିଂହ ଏହି ଉତ୍ସବରେ ଯୋଗଦେଇ ପୁଣ୍ୟାତ୍ମା ନନ୍ଦଙ୍କର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ପ୍ରକାଶ ନନ୍ଦଙ୍କ ସମ୍ପାଦିତ ପରିଷଦର ମୁଖପତ୍ର 'ସୌଦାମିନୀ'ର ଚତୁର୍ଥସଂଖ୍ୟା ଉନ୍ମୋଚିତ ହୋଇଥିଲା। ବାରିଦ ପ୍ରଭା ମହାନ୍ତିଙ୍କ ଦ୍ୱାରା ଲିଖିତ 'ଶିଉଳି' ଓ ସଦାନନ୍ଦ ରାଉତରାୟ ଦ୍ୱାରା ଲିଖିତ 'ବିରହଗାଥା' ଏବଂ ପ୍ରକାଶ ନନ୍ଦଙ୍କ ଦ୍ୱାରା ପ୍ରକାଶିତ ଦୁଇଟି ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା 'ଆହେ ଦୟାମୟ ବିଶ୍ୱବିହାରୀ' ପ୍ରାର୍ଥନା ଆବୃତ୍ତି କରାଯାଇଥିଲା। କୃତି ଛାତ୍ରୀ ସ୍ମୃତିରେଖା ସାହୁଙ୍କୁ ରାମକୃଷ୍ଣ ନନ୍ଦ ମେଧାବୃତ୍ତି, ଜରିନ୍ ବେଗମଙ୍କୁ ଅନିକେତ କର ମେଧାବୃତ୍ତି, ସାଇସ୍ମିତା ପ୍ରଧାନଙ୍କୁ ଲଳିତେନ୍ଦୁ ଜେନା ମେଧାବୃତ୍ତି, ଅନୁଶ୍ରୀ ପଟ୍ଟନାୟକଙ୍କୁ ସୌଦାମିନୀ ମେଧାବୃତ୍ତି ଓ ସୋନମ୍ ପରୱିନ୍‌ଙ୍କୁ ପ୍ରଫୁଲ ନନ୍ଦ ମେଧାବୃତ୍ତି ସମ୍ମାନ ପ୍ରଦାନ କରାଯାଇଥିଲା।

ଶିକ୍ଷୟତ୍ରୀ ଅନ୍ନପୂର୍ଣ୍ଣା ବେହେରାଙ୍କୁ ଚଳିତବର୍ଷ ରାମକୃଷ୍ଣ ନନ୍ଦ ସ୍ମୃତି ସମ୍ମାନ ୨୦୨୪ରେ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସଂଗ୍ରାମ କେଶରୀ ରାଉତରାୟ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ପ୍ରକାଶ ନନ୍ଦ ଧନ୍ୟବାଦ ଦେଇଥିଲେ। ଚିନ୍ମୟ ଦାସ, ପ୍ରିୟବ୍ରତ ରାଉତରାୟ ଓ ସନ୍ତୋଷ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ମା' ନାଆକାଣୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ମାହାଙ୍ଗା, ୧୫।୨(ସମିସ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ବାଜପୁରା ପଞ୍ଚାୟତରେ ବାଜପୁରା ଗ୍ରାମର ଅଧିଷ୍ଠାତ୍ରୀ ଗ୍ରାମଦେବତୀ ମା' ନାଆକାଣୀ ପୀଠରେ ଷଷ୍ଠ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଓ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗେଙ୍ଗୁଟୀ ନଦୀ ମହିମା ଗାଦି ନଦୀତୁଠରୁ ଶତାଧିକ ମହିଳା ଶ୍ରଦ୍ଧାଳୁ ଜଳ ଉଠାଇ ଯଜ୍ଞସ୍ଥଳରେ ପହଞ୍ଚି ଘଟସ୍ଥାପନ କରିଥିଲେ। ସେହିପରି ଗୋପୂଜା, ସୂର୍ଯ୍ୟପୂଜା, ଯଜ୍ଞବେଦୀରେ ସର୍ବ ଦେବାଦେବୀ ପୂଜା, ଅଗ୍ନିସଂଯୋଗ, ହୋମଯଜ୍ଞ ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ତ୍ତା ଭାବେ ଅମୀୟ ରାଉତ, କର୍ତ୍ତୀଭାବେ ଲକ୍ଷ୍ମୀପ୍ରିୟା ରାଉତ ପୂଜା କାର୍ଯ୍ୟରେ ବସିଥିବା ବେଳେ ବରିଷ୍ଠ ପଣ୍ଡିତ ଅନିରୁଦ୍ଧ ଦାସ, ପୂର୍ଣ୍ଣଚନ୍ଦ୍ର ପାଣି, ଆଶିଷ ମିଶ୍ର ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ନିଶ୍ଚିନ୍ତକୋଇଲି, ୧୫।୨(ସମିସ): ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୨୪ ତମ ବାର୍ଷିକୋତ୍ସବ ଏବଂ ବିଦ୍ୟାଧାତ୍ରୀ ମା'ସରସ୍ୱତୀଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦୀପାଞ୍ଜଳି ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ ଜେନା ଯୋଗଦାନ କରି ୨୪ତମ ବାର୍ଷିକୋତ୍ସବକୁ ଉଦଘାଟନ କରିବା ସହିତ ବିଦ୍ୟାଧାତ୍ରୀ ମା' ସରସ୍ୱତୀଙ୍କ କୃପା ଲାଭ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ଜେନା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲା ବେଳେ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଭାବେ ଗଢି ତୋଳିବାରେ ଗୁରୁଜୀ/ଗୁରୁମାଙ୍କ ମୁଖ୍ୟ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିକାଶ ସମିତି ଓଡ଼ିଶା ସାଧାରଣ ସମ୍ପାଦକ କମଳାକାନ୍ତ ମିଶ୍ର, ଉପସଭାପତି ଅଶୋକ ମହାପାତ୍ର, ସହସମ୍ପାଦିକା ବିଦ୍ୟୁଲତା ପଣ୍ଡା, କୋଷାଧ୍ୟକ୍ଷ ସୁବୋଧ ଷଡଙ୍ଗୀ, ତଡ଼ିତ ମଲିକ ପ୍ରମୁଖ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଚାଳନା କମିଟିର ସମ୍ପାଦକ ତପନ ଦାଶ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ପ୍ରାଣକୃଷ୍ଣ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବ ଶତ୍ରୁତାରୁ ହତ୍ୟା ଘଟଣା

# ତିନି ଜଣଙ୍କୁ ଅଟକ ରଖି ପୁଲିସର ତଦନ୍ତ

**ଆଠଗଡ଼,୧୫।୨(ସମିସ):** ଗତକାଲି ଆଠଗଡ଼ ବ୍ଲକ କୁଲାଇଲୋ ପଞ୍ଚାୟତର ରାଧାକୃଷ୍ଣପୁରରେ ଏକ ସାଧାରଣ ଘଟଣାରୁ ହତ୍ୟାକାଣ୍ଡ ଏବଂ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ଭଳି ଅଭାବନୀୟ ଘଟଣା ଘଟିଥିଲା। ଗତକାଲିର ଘଟଣା ପରେ ରଞ୍ଜନ କୁମାର ରଣାଙ୍କ ଏତଲାକୁ ଭିତ୍ତି କରି ଖୁଣ୍ଟୁଣୀ ପୁଲିସ ପକ୍ଷରୁ କେସ ନଂ ୩୭/୨୪ ଆଧାରରେ ମାମଲା ରୁଜୁ କରାଯିବା ସହ ତିନି ଜଣଙ୍କୁ ଅଟକ ରଖାଯାଇଥିବା ଜଣାପଡିଛି। ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ଦୁଇଗୋଷ୍ଠୀ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା। ଗତ ଦୁଇ ବର୍ଷ ମଧ୍ୟରେ ଖୁଣ୍ଟୁଣୀ ଥାନାରେ ଉଭୟ ଗୋଷ୍ଠୀ ପକ୍ଷରୁ ବିଭିନ୍ନ ସମୟରେ ୧୦ରୁ ଊର୍ଦ୍ଧ୍ୱ ଅଭିଯୋଗ ମଧ୍ୟ ହୋଇଥିଲା। ଖୁଣ୍ଟୁଣୀ ପୁଲିସର ଅବହେଳା କାରଣରୁ ଅଭିଯୋଗ ଗୁଡ଼ିକର ସଠିକ୍ ସମାଧାନ ହେବା ପରିବର୍ତ୍ତେ କ୍ରମଶଃ ଉଗ୍ର ରୂପ ନେଇଥିଲା। ଯାହାର ପରିଣାମ ଗତକାଲିର ହତ୍ୟାକାଣ୍ଡ ବୋଲି ଅଭିଯୋଗ ହୋଇଛି। ଘଟଣା ପରେ ଗ୍ରାମରେ ଉତ୍ତେଜନା ଲାଗି ରହିଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏକ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଆତ୍ମସମର୍ପଣ କରିଥିବା ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ନିରାକାର ସ୍ୱାଇଁ, ଶ୍ରୀନିବାସ ସ୍ୱାଇଁ ଏବଂ ଅରବିନ୍ଦ ସ୍ୱାଇଁଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଘଟଣା ପରେ ନିରାକାର ସ୍ୱାଇଁଙ୍କ ପରିବାରର ଚାରି ଜଣ ମହିଳାଙ୍କ ସହିତ ଚାରି ଜଣ ନାବାଳକଙ୍କୁ ପୁଲିସ ପକ୍ଷରୁ ଉଦ୍ଧାର କରାଯାଇଥିବା ଜଣାପଡିଛି। ଅଟକ ତିନି ଅଭିଯୁକ୍ତଙ୍କ ବ୍ୟତିତ କାବୁଲି ସ୍ୱାଇଁ, ଅମୂଲ୍ୟ ସ୍ୱାଇଁ, ଗଣେଶ୍ୱର ସ୍ୱାଇଁ, ଅଭୟ ସ୍ୱାଇଁ, ସୁଧୀର ନାୟକ, ଦିଲ୍ଲୀପ ନାୟକ, ବୀରବର ନାୟକଙ୍କ ସହିତ ଅନ୍ୟାନ୍ୟ ଦଶଜଣଙ୍କ ନାମରେ ଅଭିଯୋଗ ହୋଇଛି। ଗତ ମାସେ ତଳେ ମେଗା ପାନୀୟ ଜଳ ପ୍ରକଳ୍ପର ପାଇପ୍ କାମ ଠିକାଦାରୀକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ଗ୍ରାମରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ତାହା ବିଫଳ ହୋଇଥିଲା। ଏପରି କି ଗତକାଲି ଅଘଟଣ ପୂର୍ବରୁ ମୃତକ ସୁଶାନ୍ତ କୁମାର ରଣାଙ୍କ ବଡ଼ଭାଇ ସତ୍ୟାନନ୍ଦ ରଣା ଉଭୟ ପକ୍ଷଙ୍କୁ ବୁଝାସୁଝା କରି ସମାଧାନ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହି ଅଭାବନୀୟ ଘଟଣା ଘଟିଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। ଆଜି ମୃତ ସୁଶାନ୍ତଙ୍କ ଶବ ଢେଙ୍କାନାଳ ଜିଲ୍ଲା ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିବା ଜଣାପଡିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ହତ୍ୟାକାଣ୍ଡର ଅନ୍ୟାନ୍ୟ ଦିଗ ବାବଦରେ ତଦନ୍ତ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଅଧ୍ୟାପକ ଅଭୟ ମହାନ୍ତିଙ୍କ ବିୟୋଗରେ ଶୋକ

**ବାଙ୍କୀ,୧୫।୨(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଇଂରାଜୀ ବିଭାଗର ଅଧ୍ୟାପକ ଅଭୟ କୁମାର ମହାନ୍ତିଙ୍କର ତାଙ୍କ କଟକ ବାସଭବନରେ ପରଲୋକ ହୋଇଛି। ସ୍ୱର୍ଗତ ମହାନ୍ତି ଜଣେ ଛାତ୍ରବତ୍ସଳ ଅଧ୍ୟାପକ ଭାବେ ବେଶ୍ ପରିଚିତ। ଅଭିନେତା ଅନୁଭବ ମହାନ୍ତିଙ୍କ ପିତା ଅଟନ୍ତି। ତାଙ୍କ ବିୟୋଗରେ ଏକ ଶୋକସଭା କଲେଜ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର, ଡ. ନିରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ନିରଞ୍ଜନ ରାଉତରାୟ, ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ପ୍ରାଧ୍ୟାପିକା ଗାୟତ୍ରୀ ନାୟକ, ପ୍ରାଧ୍ୟାପକ ତ୍ରୈଲୋକ୍ୟନାଥ ଦାସ, ଡ. ଶଶିଭୂଷଣ ମହାପାତ୍ର, ଅଧ୍ୟାପକ ନିରାକାର ସାମନ୍ତରାୟ, ବୃନ୍ଦାବନ ପ୍ରଧାନ, କୁମୁଦରଞ୍ଜନ ମହାରଣା, ଅଧ୍ୟାପକ ଆଶିଷ ପାଢ଼ୀ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ସ୍ୱର୍ଗତ ମହାନ୍ତିଙ୍କ ବାସଭବନକୁ ଯାଇ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

କଟକ : କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କଲେଜର ପୂର୍ବତନ ଅଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ଅନୁଭବ ମହାନ୍ତିଙ୍କ ପିତା ବିଶିଷ୍ଟ କଳାକାର ପ୍ରଫେସର ଅଭୟ ମହାନ୍ତିଙ୍କ ପରଲୋକ ହୋଇଯାଇଛି। ତାଙ୍କ ପରଲୋକରେ ସମଗ୍ର ଅଞ୍ଚଳରେ ଦୁଃଖର ଛାୟା ଖେଳିଯାଇଛି। ସେ ଜଣେ ଛାତ୍ର ବତ୍ସଳ ଅଧ୍ୟାପକ ଥିଲେ। କନ୍ଦରପୁର କଲେଜର ଅଧ୍ୟକ୍ଷ ଥିବା ସମୟରେ ଛାତ୍ର ସଂସଦ ନିର୍ବାଚନ ସହ ଛାତ୍ରମାନଙ୍କ ବହୁ ଦାବି ପୂରଣ କରିଥିଲେ। ଆଜି ତାଙ୍କ ପରଲୋକରେ ଶ୍ରୀ ରାଉତରାୟଙ୍କ ସହିତ ସେ ସମୟର ଅଧ୍ୟାପକ ଥିବା ଭବାନୀ ଶଙ୍କର ଜେନା, ପ୍ରତାପ ଚନ୍ଦ୍ର ଦାସଙ୍କ ସମେତ ଜିତେନ୍ଦ୍ର ସାହୁ, ସଞ୍ଜୟ ସାହୁ, ଦିବ୍ୟଜ୍ୟୋତି ସାହୁଙ୍କ ସମେତ ବହୁ କନ୍ଦରପୁର ଅଞ୍ଚଳବାସୀ ଶୋକ ପ୍ରକାଶ କରିଛନ୍ତି।

## ନିରାମୟ ଉପଦେଷ୍ଟାଙ୍କ କର୍କଟ ରୋଗ ଅନୁଷ୍ଠାନ ପରିଦର୍ଶନ



**କଟକ,୧୫।୨(ସମିସ):** ରାଜ୍ୟ ସରକାରଙ୍କ ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ ଆଜି କଟକ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ ସରକାରୀ ହସ୍ପିଟାଲ ପରିଦର୍ଶନ କରିଛନ୍ତି। ରୋଗୀ ଓ ସମ୍ପର୍କୀୟଠାରୁ ନିରାମୟ କେନ୍ଦ୍ର ସୁବିଧା ଓ ଅସୁବିଧା ସଂକ୍ରାନ୍ତରେ ସେ ପଚାରି ବୁଝିଛନ୍ତି। ଏହା ପରେ ଉପସ୍ଥିତ ହସ୍ପିଟାଲ ନିର୍ଦ୍ଦେଶକ ଡା. ଦୀପକ ରାଉତରାୟ ସହ ସାକ୍ଷାତ କରି ଆଲୋଚନା କରି ରୋଗୀଙ୍କୁ କିପରି ଅଧିକ ସହଜ ଏବଂ ସୁବିଧା ଯୋଗାଇ ଦିଆଯିବ ଏହି ବିଷୟରେ ବରିଷ୍ଠ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନିରାମୟ କେନ୍ଦ୍ରରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ ବହୁ ଗୁରୁତ୍ୱପୂର୍ଣ୍ଣ କ୍ୟାନ୍ସର ଔଷଧ ମିଳୁଥିବାରୁ ଉପସ୍ଥିତ ରୋଗୀଙ୍କ ସମ୍ପର୍କୀୟ ଓଡିଶା ସରକାର ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇଛନ୍ତି। ଏହି ପରିଦର୍ଶନ ଅବସରରେ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରିଷ୍ଣାମୂର୍ତ୍ତି ୱାର୍ଲ୍ଡ ସ୍କୁଲରେ ଆଶୀର୍ବାଦ ଉତ୍ସବ



**କଟକ,୧୫।୨(ସମିସ):** କଟକ ଜରିପଡା ସ୍ଥିତ କ୍ରିଷ୍ଣାମୂର୍ତ୍ତି ୱାର୍ଲ୍ଡ ସ୍କୁଲରେ ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଆଶୀର୍ବାଦ ଉତ୍ସବର ଆୟୋଜନ କରାଯାଇଥିଲା। ଚଳିତ ବର୍ଷ ଦଶମ ଶ୍ରେଣୀର ୮୨ ଜଣ ଓ ଦ୍ୱାଦଶ ଶ୍ରେଣୀର ୧୩୦ ଜଣ ଛାତ୍ର ବୋର୍ଡ ପରୀକ୍ଷା ଦେବାକୁ ଯାଉଛନ୍ତି। ବିଦ୍ୟାଳୟର ପ୍ରଥାନୁଯାୟୀ ଗାୟତ୍ରୀ ଯଜ୍ଞ ସହ ଆଶୀର୍ବାଦ ଉତ୍ସବ ମହାସମାରୋହରେ ପାଳନ କରାଯାଇଥିଲା। ଉତ୍ସବରେ ବିଦ୍ୟାଳୟର ମହାନିର୍ଦ୍ଦେଶକ ଡଃ. ଜି.ଏସ୍ ପଟ୍ଟନାୟକ ମୁଖ୍ୟଅତିଥି, ନିର୍ଦ୍ଦେଶକ ଡଃ. ପ୍ରଭୁଚରଣ ମହାନ୍ତି ଓ ଟ୍ରଷ୍ଟି ସତ୍ୟମ ସରାଫ ପ୍ରମୁଖ ସମ୍ମାନୀୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହ ଉତ୍ସବର ଉଦ୍‌ଘାଟନ କରିଥିଲେ। ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ସମ୍ମାନୀତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଦାଶ ସ୍ୱାଗତ ଭାଷଣରେ ଅତିଥି ପରିଚୟ ସହ ଛାତ୍ରଛାତ୍ରୀଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ଗଢିବା ପାଇଁ ପ୍ରେରଣା ଦେଇଥିଲେ।

## ଗଞ୍ଜେଇ ସହ କାର ଜବତ; ୧ ଗିରଫ

**ସାଲେପୁର,୧୫।୨(ସମିସ):** ଆଜି ସନ୍ଧ୍ୟାରେ ଏକ କାର୍ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବାର ଖବର ପାଇ ସାଲେପୁର ପୁଲିସ ସାଲେପୁର-କୁଆପାଳ ରାସ୍ତାର ସିମ୍ବଳପଡା ଗ୍ରାମ ନିକଟରେ କାର୍‌ଟିକୁ ଅଟକାଇ କାର ମଧ୍ୟରୁ ପ୍ରାୟ ୩୦କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ଜଣକୁ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣଙ୍କ ସମ୍ବଲପୁର ଅଞ୍ଚଳର ପ୍ରମୋଦ କୁମାର ସାହୁ ବୋଲି ଜଣାପଡ଼ିଛି। ଅବକାରୀ ବିଭାଗ ପକ୍ଷରୁ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଛି।

## ବାଙ୍କୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ +୨ ପରୀକ୍ଷା ପ୍ରସ୍ତୁତି ବୈଠକ

# ପରୀକ୍ଷା ଦେବେ ୧୫୬୦ ଛାତ୍ରଛାତ୍ରୀ

**ବାଙ୍କୀ,୧୫।୨(ସମିସ):** ବାଙ୍କୀ କଲେଜ ସଭାଗୃହ ଠାରେ +୨ ପରୀକ୍ଷା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ସଭାପତିତ୍ୱ କରିଥିଲେ। ବାଙ୍କୀ କଲେଜ ଉପାଧ୍ୟକ୍ଷ ତଥା ବାଙ୍କୀ କଲେଜ ଅଧ୍ୟାପକ ଅଧ୍ୟାପିକା ସମିତିର ସଂପାଦକ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ପୂର୍ବ ସଭାର ବିବରଣୀ ପାଠ କରିଥିଲେ। ବାଙ୍କୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ସମୀର କୁମାର ମହାପାତ୍ର ସ୍ୱାଗତ ଭାଷଣ ସହ ପରୀକ୍ଷାକୁ ଶାନ୍ତଶୃଙ୍ଖଳା ସହ ପରିଚାଳନା କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। +୨ ପରୀକ୍ଷାର ସହକାରୀ ପରିଚାଳକ ପ୍ରାଧ୍ୟାପକ ନିରଞ୍ଜନ ରାଉତରାୟ ପାୱାର୍ ପଏଣ୍ଟ ମାଧ୍ୟମରେ ପରୀକ୍ଷାର ନୀତିନିୟମ ସଂପର୍କରେ କହିବା ସହିତ ଚଳିତ ବର୍ଷ ବାଙ୍କୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ +୨କଳା, ବିଜ୍ଞାନ ଓ ବାଣିଜ୍ୟରେ ସର୍ବମୋଟ୍ ୭୩୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ପ୍ରକାଶ କରିଥିଲେ। ବାଙ୍କୀ କଲେଜ ଉଚ୍ଚମାଧ୍ୟମିକ ପରିଷଦ ଦ୍ୱାରା ଏକ ପରୀକ୍ଷା ହବ୍ କରାଯାଇଛି ଯେଉଁଥିରେ କି ବାଙ୍କୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରାଣୀ ଶୁକଦେଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, କଳାପଥର ଧଳାପଥର ଆଞ୍ଚଳିକ ବିଦ୍ୟାଳୟ, ଡମପଡ଼ା ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଗୋଡିସାହି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ବୈଦେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆସନ୍ତାକାଲି ଠାରୁ ଆରମ୍ଭ ହେଉଥିବା ପରୀକ୍ଷାରେ ସର୍ବମୋଟ୍ ୧୫୬୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ପରୀକ୍ଷା ହବ୍‌ର ସହକାରୀ ସୁପରଭାଇଜର୍ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ସହକାରୀ ପରିଚାଳକ ପ୍ରାଧ୍ୟାପକ ପ୍ରମୋଦ ପଣ୍ଡା, ପ୍ରଶାସନିକ ଅଧିକାରୀ ନିରଞ୍ଜନ ମହାନ୍ତି, ଅଧ୍ୟାପକ ଶ୍ୟାମଲାଲ୍ ଭୋଏଙ୍କ ସମେତ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗଦାନ କରିଥିଲେ। ଶେଷରେ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ ଧନ୍ୟବାଦ ଅର୍ପଣ କରିଥିଲେ।

### ୨୧୫୦ ଛାତ୍ରଛାତ୍ରୀ ଦେବେ ମାଟ୍ରିକ୍ ପରୀକ୍ଷା

**ବାଙ୍କୀ :** ବାଙ୍କୀ ଉପଖଣ୍ଡରେ ଚଳିତ ମାଟ୍ରିକ୍ ପରୀକ୍ଷାରେ ବାଙ୍କୀ ବ୍ଲକରେ ୫ଟି ପରୀକ୍ଷା କେନ୍ଦ୍ର ଯଥା ଉଦୟନାଥ ସରକାରୀ ଉଚ୍ଚବିଦ୍ୟାଳୟ ବୈଦ୍ୟେଶ୍ୱରରେ ୧୪୦ଜଣ, ସାଧବ ସମାଜ ବିଦ୍ୟାଳୟ ଜଗନ୍ନାଥପୁରରେ ୧୨୯ଜଣ, କଳାପଥର ଧଳପଥର ସରକାରୀ ଉଚ୍ଚବିଦ୍ୟାଳୟରେ ୧୯୯ଜଣ, ରଘୁନାଥଦେବତା ସରକାରୀ ଉଚ୍ଚବିଦ୍ୟାଳୟବ୍ରହ୍ମପୁରାରେ ୨୩୪ଜଣ ଓ ଉତ୍ତରକୁଲାଟ ବିଦ୍ୟାଳୟ ବନ୍ଧାଳରେ ୧୯୭ଜଣ ଏବଂ ସେହିପରି ଡମପଡ଼ା ବ୍ଲକରେ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ୨୩୬ଜଣ, ସରକାରୀ ବାଳିକା ବିଦ୍ୟାଳୟରେ ୨୬୨ଜଣ, ବିଏସ୍ ନୋଡାଲ ରଗଡିରେ ୨୧୭ଜଣ, ତାଳବସ୍ତ ବିଦ୍ୟାଳୟରେ ୧୮୮ଜଣ, ପ୍ରୀତମ କୁମାର ବିଦ୍ୟାମନ୍ଦିର ଡମପଡ଼ାରେ ୧୭୫ଜଣ ଓ ରାମଚନ୍ଦ୍ରପୁର ଉଚ୍ଚବିଦ୍ୟାଳୟରେ ୧୭୩ଜଣ ପରୀକ୍ଷା ଦେଉଥିବା ବେଳେ କୁଶୁପଙ୍ଗି ଉଚ୍ଚବିଦ୍ୟାଳୟରେ ୭୦ଜଣ ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଜଣାପଡିଛି।

## ମନ୍ଦିର ମୁଖଶାଳାର ଭିତ୍ତିପ୍ରସ୍ତର ସ୍ଥାପନ



**କଟକ,୧୫।୨(ସମିସ):** ଆଜି ପୂର୍ବାହ୍ନରେ ସିଡିଏ ସେକ୍ଟର-୯ ସ୍ଥିତ ମା’ ମଙ୍ଗଳା ମନ୍ଦିର ମୁଖଶାଳା ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ। ଉକ୍ତ କାର୍ଯ୍ୟ ପାଇଁ ସ୍ଥାନୀୟ ଲୋକଙ୍କ ଦୀର୍ଘଦିନରୁ ଦାବି ହୋଇଆସୁଥିଲା। ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ସହାୟତାରେ ଏହି କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ଅବସରରେ ସେକ୍ଟର ଅଞ୍ଚଳର ମୁରବିମାନେ ବିଧାୟକ ମୋକିମଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଟକ ନଗର କଂଗ୍ରେସ କମିଟି ପୂର୍ବତନ ସଭାପତି ଗିରିବାଳା ବେହେରା, ତପନ କୁମାର ପତି, ବିକାଶ ପାତ୍ର, ଅଶ୍ୱିନୀ ବାରିକ, ସଞ୍ଜୟ ଦାସ, ଧନଞ୍ଜୟ ବେହେରା, ଗୌତମ ପଣ୍ଡା, ଆଲୋକ ପ୍ରିୟଦର୍ଶନ, ଜ୍ୟୋତ୍ସ୍ନା ମହାପାତ୍ର, ଅଜୟ ମହାନ୍ତି, କ୍ଷୀରୋଦ ମିଶ୍ର, ଅଭୟ ପଟ୍ଟନାୟକ, ଜୟଶ୍ରୀ ମହାନ୍ତି, ଦୀପ୍ତିମୟୀ ମହାନ୍ତି, ସୁକାନ୍ତି ମହାନ୍ତି, ସଞ୍ଜୁକ୍ତା ସେଠୀ, ସତ୍ୟ ନାରାୟଣ ବେହେରା, ପ୍ରୀତି ରଞ୍ଜନ ସାହୁ, ରବିଶଙ୍କର ସାହୁ, ଚନ୍ଦ୍ରିକା ଦାସ, ବିଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ



**ବାଙ୍କୀ,୧୫।୨(ସମିସ):** ବାଙ୍କୀ ବ୍ଲକ ଅନ୍ତର୍ଗତ ନୂଆଗାଁ (ଖଜୁରୀପଦା) ଗ୍ରାମପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ଆଜି ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ମମତା ମହାପାତ୍ରଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ସରପଞ୍ଚ ମହାପାତ୍ର ତଥା ସ୍ୱର୍ଗତ ଭଗବାନ ସ୍ୱାଇଁଙ୍କ ଏକମାତ୍ର ପୁତ୍ର ଅମ୍ରିତ୍ ସ୍ୱାଇଁ ଫିତାକାଟି ନୂତନ ଗୃହରେ ପ୍ରବେଶ କରିଥିଲେ। ଏହି ଉତ୍ସବରେ ସମ୍ମାନୀତ ଅତିଥି ଭାବେ ବାଙ୍କୀର ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ, ବାଙ୍କୀ ବ୍ଲକ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସୁଚିସ୍ମିତା ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ହେମନ୍ତ ସାମନ୍ତରାୟ, ଗ୍ରାମ୍ୟ ଜଳଯୋଗାଣ କନିଷ୍ଠ ଯନ୍ତ୍ରୀ ସତ୍ୟନାରାୟଣ ରଥ ଯୋଗଦେଇଥିଲେ। ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟନ ଶେଷ ହେବା ପରେ ସ୍ୱର୍ଗତ ଭଗବାନ ସ୍ୱାଇଁ, ସ୍ୱର୍ଗତ ସାମ୍ବାଦିକ ଆଦିତ୍ୟ ରଣସିଂହ ଓ ସମାଜସେବୀ କିଶୋର ସିଂହଙ୍କ ସ୍ମୃତିରେ ଏକ ସ୍ମୃତିସଭା ସରପଞ୍ଚ ମମତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ଶ୍ରୀ ପଟ୍ଟନାୟକ, ବାଙ୍କୀ ବ୍ଲକ କଂଗ୍ରେସ ସଭାପତି ନରେଶ ସାହୁ, ଗୋଳାଗଣ୍ଡ ପଞ୍ଚାୟତର ପୂର୍ବତନ ସରପଞ୍ଚ ରମେଶ ସେନାପତି, ଆଇନଜୀବୀ ବିଶ୍ୱରଞ୍ଜନ ପଣ୍ଡା, ପ୍ରଫୁଲ୍ଲ ସାହୁ, ଜୟନ୍ତ ଦଳସିଂହ ରାୟ, ହରିହର ପଣ୍ଡା, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ୍ତ ସ୍ୱାଇଁ ପ୍ରମୁଖ ସ୍ମୃତି ସଭାରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସୁବ୍ରତ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମିତିସଭ୍ୟ ବିବିଧ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଅନାବରଣ



**ଟାଙ୍ଗୀ,୧୫।୨(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ଉତ୍କଳମଣି ବିଦ୍ୟାପୀଠ ପରିସରରେ ୧୯୯୨ ମସିହାର ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ସୋମବାର ଉଦଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମିଶ୍ର ସଭାପତିତ୍ୱରେ ଅନୁଷ୍ଠିତ ମୁଖ୍ୟଅତିଥି ସଫା ସରପଞ୍ଚ ତଥା ପୁରାତନ ଛାତ୍ର ନିବାସ ଚନ୍ଦ୍ର ପାଣ୍ଡବ ଯୋଗଦେଇ ବିଦ୍ୟାଳୟର ବିକାଶ ଓ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଇଥିଲେ। ଶିକ୍ଷକ ସୁଭ୍ରଜିତ ପ୍ରତିହାରୀ, ବିଭାସିନ ନାୟକ ଓ ବିଚିତ୍ରାନନ୍ଦ ଓଝା ସହଯୋଗ କରିଥିବାବେଳେ ଅଶୋକ ବାହାଲିଆ ଓ ଜ୍ୟୋତିପ୍ରକାଶ ଧଳ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ

### ବୁହାଲୋ ପଞ୍ଚାୟତ



**ନିଶ୍ଚିନ୍ତକୋଇଲି,୧୫।୨(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ପଞ୍ଚାୟତ ଗୋଲଡ଼େନ କ୍ଲବ ନିକଟରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ସରପଞ୍ଚ ରମାକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ପାନୀୟ ଜଳ ପ୍ରକଳ୍ପ, ଉପସ୍ୱାସ୍ଥ୍ୟ କେନ୍ଦ୍ର ଉଦଘାଟନ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ ଶାସନରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଚାୟତର ବିକାଶ ସମ୍ଭବ ହୋଇପାରିଛି ବୋଲି ପ୍ରକାଶ କରିବା ସହ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ଜେନା ବରିଷ୍ଠ ନାଗରିକ, ଆଶା, ଅଙ୍ଗନବାଡ଼ି କର୍ମୀ, ଏସଏଚଜି ମହିଳାଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବା ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଏବଂ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହାଛଡା ପ୍ରତ୍ୟେକ ୱାର୍ଡରେ ଆଲୋକୀକରଣ, ଧର୍ମାନୁଷ୍ଠାନ ଓ ସ୍କୁଲ ଗୁଡିକର ରୂପାନ୍ତୀକରଣ, ରାସ୍ତାଘାଟର ଉନ୍ନତିକରଣ, ରେସନ କାଡର୍ ମାଧ୍ୟମରେ ବ୍ୟାଗ୍ ଏବଂ ୧ ହଜାର ଟଙ୍କା ପ୍ରଦାନ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ ବିଡିଓ ଧର୍ମରଞ୍ଜନ ପଣ୍ଡା, ସିଡିପିଓ ସତ୍ୟଭାମା ବିଶୋଇ, ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ, ବିଜେଡି କୃଷକ ସଂଗଠନର ସଭାପତି ଜ୍ୟୋତି ପ୍ରକାଶ ସ୍ୱାଇଁ, ପୂର୍ବତନ ସରପଞ୍ଚ ମାୟାଧର ପରିଡ଼ା, ପ୍ରମୋଦ ସ୍ୱାଇଁ, ଆଶିଷ ସାହୁ, ଅଚ୍ୟୁତାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ରାମକୃଷ୍ଣପୁର ପଞ୍ଚାୟତ

**ନିଶ୍ଚିନ୍ତକୋଇଲି :** ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ପଞ୍ଚାୟତ ପରିସରରେ ‘ଆମ ଓଡିଶା ନବୀନ ଓଡିଶା’ କାର୍ଯ୍ୟକ୍ରମ ସରପଞ୍ଚ ଭାରତୀ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝାଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ପଞ୍ଚାୟତ ପରିସରରେ ପାର୍କ, ଭତ୍ତା ବଣ୍ଟନ କେନ୍ଦ୍ରର ନୂତନ ଗୃହ, ପଞ୍ଚାୟତ କଲ୍ୟାଣୀ ମଣ୍ଡପ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଗୃହ ଏବଂ କୃଷି ପରାମର୍ଶ କେନ୍ଦ୍ରର ନୂତନ ଗୃହକୁ ଉଦଘାଟନ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ ଶାସନରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ



ପଞ୍ଚାୟତର ବିକାଶ ସମ୍ଭବ ହୋଇପାରିଛି ବୋଲି ପ୍ରକାଶ କରିଥିଲେ ଏବଂ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏପରିକି ପ୍ରଥମ କରି ରାମକୃଷ୍ଣପୁର ପଞ୍ଚାୟତର ଜନସାଧାରଣଙ୍କୁ ରେସନ କାଡର୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କରାଯାଇଥିବା ୧ ହଜାର ଟଙ୍କା ଏବଂ ଦୁଇଟି ବ୍ୟାଗ୍ ବିଧାୟକ ଶ୍ରୀ ଜେନା ବଣ୍ଟନ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ଜେନା ବରିଷ୍ଠ ନାଗରିକ, ଆଶା, ଅଙ୍ଗନୱାଡ଼ି କର୍ମୀ, ଏସଏଚଜି ମହିଳାଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବା ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଏବଂ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ ବିଡିଓ ଧର୍ମରଞ୍ଜନ ପଣ୍ଡା, ସିଡିପିଓ ସତ୍ୟଭାମା ବିଶୋଇ, ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ପ୍ରାକ୍ତନ ଅଧ୍ୟକ୍ଷ ସବିତା ଓଝା, ଜିଲ୍ଲା ପରିଷଦ ବିପ୍ଳବ କାପ, ଜସ୍ମିତା ସେଠୀ, ସମିତିସଭ୍ୟା ନର୍ମଦା ରାଉତ, ବିଜେଡି କୃଷକ ସଂଗଠନର ସଭାପତି ଜ୍ୟୋତି ପ୍ରକାଶ ସ୍ୱାଇଁ, ବିଜେଡି ଯୁବନେତା ଅଜିମ୍ ଖାଁ, ପଞ୍ଚାୟତ ସଭାପତି ଗଙ୍ଗାଧର ବସ୍ତିଆ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସରପଞ୍ଚଙ୍କ ପ୍ରତିନିଧି ମନୋରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ଚୌଦ୍ୱାର ପୌରପାଳିକା ୧୭ ନଂ ୱାର୍ଡ

**ଚୌଦ୍ୱାର :** ଚୌଦ୍ୱାର ପୌରପାଳିକା ୧୭ ନଂ ୱାର୍ଡ ବିଜୁ ଆଦର୍ଶ କଲୋନୀରେ ଆମ ଓଡିଶା ନବୀନ ଓଡିଶା (ସହରୀ) କାର୍ଯ୍ୟକ୍ରମ ମାଧ୍ୟମରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବସ୍ତି ବାସିନ୍ଦା ସଂଘ ସଭାପତି ପ୍ରକାଶ ଚନ୍ଦ୍ର ଗୋଚ୍ଛାୟତଙ୍କ ତତ୍ତ୍ୱବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ବସ୍ତି ବାସିନ୍ଦାଙ୍କ ବିକାଶ ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମତବ୍ୟକ୍ତ କରିଥିଲେ। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ଆଶୁତୋଷ ଦାସ, ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ପ୍ରେମଚାନ୍ଦ ନାୟକ, ବିଷ୍ଣୁ ଚରଣ ପରିଡା, ବିମଳ ବେଉରା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସଂପର୍କରେ



ଲୋକଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ବସ୍ତିବାସିନ୍ଦା ପିଲାମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପୌରପାଳିକା ନୋଡାଲ ଅଫିସର ଚନ୍ଦନ ଦାସ, ସିଟି ମିଶନ ମ୍ୟାନେଜର ସ୍ନିକ୍ତା ମହାନ୍ତି, ସୁଚିସ୍ମିତା ମହାନ୍ତି, ରଶ୍ମି ରଞ୍ଜନ ଦାସ, ଅଜୟ ନାୟକ, ଶିବାନନ୍ଦ ସାହୁ, ପ୍ରତିମା ବେହେରା, ପ୍ରହଲ୍ଲାଦ ସାହୁ ଓ ବସ୍ତିବାସିନ୍ଦା ସଂଘର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜଲ୍ଲାରପୁର ପଞ୍ଚାୟତ



**ନିଆଳି :** ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମରେ ନିଆଳି ବ୍ଲକ୍ ଅନ୍ତର୍ଗତ ଜଲ୍ଲାରପୁର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପାଲା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟସଭ୍ୟା ମାନଙ୍କ ସମେତ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ଆଦିତ୍ୟ ପାଣି, ନିଆଳି ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ ଦାସ, ଆଇନ୍‌ଜୀବୀ ଅନ୍ତର୍ଯ୍ୟାମୀ ବଡୁ, ଜଟାଧାରୀ ସ୍ୱାଇଁ, ବାବୁରାମ ପଣ୍ଡା, ଅଭିମନ୍ୟୁ ସାହୁ, ଅନ୍ତର୍ଯ୍ୟାମୀ ବେହେରା, ଚନ୍ଦ୍ରଶେଖର ମିଶ୍ର, ଜିପିଏଲ୍‌ଏଫ୍ ସଭାପତି ବୈଜୟନ୍ତୀ ମିଶ୍ର, ଜ୍ୟୋତି ରଞ୍ଜନ ମିଶ୍ର, ସୂର୍ଯ୍ୟକାନ୍ତ ଜେନା, ପଞ୍ଚାୟତ ସମିତି ପକ୍ଷରୁ ପିଏ ସୁନନ୍ଦା ସାହୁ, ଜିଆର୍‌ଏସ୍ ପ୍ରତାପ ପରିଡ଼ା, ପିଇଓ ସୁରେଶ କୁମାର ଦେଉରି ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ।

